**ବନ୍ଧୁକ ଦେଖାଇ ୧ ଲକ୍ଷ ୨୦ ହଜାର ଲୁଟ୍**

ଚଣ୍ଡିଖୋଳ,(ଡି.ଏନ.ଏ.): ବାଲିଚନ୍ଦ୍ରପୁର ଥାନା ବାଲିଚନ୍ଦ୍ରପୁର-ଦେକୁରୀ ରାସ୍ତାର ପତରାଜପୁର ନିକଟରେ ମଙ୍ଗଳବାର ରାତି ପ୍ରାୟ ୯ଟାରେ ଜଣେ ବ୍ୟବସାୟୀଙ୍କଠାରୁ ଲୁଟ୍ ହୋଇଛି। ଦୁର୍ବୃତ୍ତ ରାସ୍ତାରେ ବନ୍ଧୁକ ଦେଖାଇ ତାଙ୍କଠାରୁ ୧ ଲକ୍ଷ ୨୦ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ବ୍ୟବସାୟୀ ହେଲେ ଚାଟିନେଙ୍ଗାଳ ଗ୍ରାମର ସେକ୍ ରେବର ଅଲ୍ଲୀ। ସେ ବାଲିଚନ୍ଦ୍ରପୁର ବଜାରରେ ଜୋତା ଦୋକାନ କରିଛନ୍ତି। ଦୋକାନ ବନ୍ଦ କରି ବାଇକ୍‌ଯୋଗେ ଘରକୁ ଫେରୁଥିବା ବେଳେ ଗ୍ରାମ୍ୟ ଉନ୍ନୟନ ରାସ୍ତାର ପତରାଜପୁର ନିକଟ ତେନ୍ତୁଳି ଗଛ ପାଖରେ ଛକି ରହିଥିବା ୨ ଯୁବକ ରେବରଙ୍କୁ ଅଟକାଇ ଥିଲେ। ପରେ ବନ୍ଧୁକ ଦେଖାଇ ତାଙ୍କଠାରୁ ଟଙ୍କା ଛଡ଼ାଇ ନେଇଥିଲେ।

**ସଂକ୍ଷେପରେ**

## ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କୁ ସମ୍ବର୍ଦ୍ଧନା



ରସୁଲପୁର,୧୭।୧(ଡି.ଏନ.ଏ.): ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସରୋଜିନୀ ସ୍ମୃତି ସଂସଦ ପକ୍ଷରୁ ଯାଜପୁର ଆରକ୍ଷୀ ଅଧୀକ୍ଷକ(ଏସ୍.ପି) ବିନୀତ ଅଗ୍ରୱାଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂସଦର ପ୍ରତିଷ୍ଠାତା ସମ୍ପାଦକ ତଥା ବରିଷ୍ଠ ଲେଖକ ଡ. ଚିତ୍ତରଞ୍ଜନ ମହାନ୍ତି ଜିଲାରେ ନୂତନ ଏସ୍‌ପି ଭାବେ ଯୋଗ ଦେଇଥିବା ବିନୀତଙ୍କୁ ସାକ୍ଷାତ କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ପାଣିକୋଇଲିସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ପ୍ରତିଷ୍ଠାତା ସମ୍ପାଦକ ମହାନ୍ତି ସଂସଦର କାର୍ଯ୍ୟାବଳୀ ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରାଇଥିଲେ। ଉକ୍ତ ସାକ୍ଷାତ ଆଲୋଚନା ସମୟରେ ଯୁବ ସଂଗଠକ ତଥା ସଂସଦର ସଂଗଠନ ସମ୍ପାଦକ ଇଂ. ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି, ଆଜାଦୀ ଠେଙ୍ଗା ବାହିନୀର ମୁଖ୍ୟ କମାଣ୍ଡର କୃଷକ ଲକ୍ଷ୍ମଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଠେଙ୍ଗାବାହିନୀ କିପରି କମ୍ୟୁନିଟ୍ ପୋଲିସ ଭାବରେ କାର୍ଯ୍ୟ କରୁଛି ସେ ସମ୍ପର୍କରେ ଏସ୍‌ପିଙ୍କୁ ଅବଗତ କରାଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ବିପର୍ଯ୍ୟୟ, ଅଶାନ୍ତ ବାତାବରଣ, ମେଳା ମହୋତ୍ସବ, ସାମାଜିକ କାର୍ଯ୍ୟ ଆଦିରେ ଠେଙ୍ଗାବାହିନୀର ଉପସ୍ଥିତି ଓ କାର୍ଯ୍ୟାବଳୀ ସମ୍ପର୍କରେ ଏସ୍‌ପି ଅବଗତ ହୋଇଥିଲେ।

## ଏସ୍‌ଏମ୍‌ବିସି ପ୍ରଶିକ୍ଷଣ ଶିବିର ହେଲାନି

ସିଂହପୁର,୧୭।୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାରଠାରୁ ୩ ଦିନ ବ୍ୟାପି ପରିଚାଳନା ସଦସ୍ୟମାନଙ୍କୁ ନେଇ ଏସ୍‌ଏମ୍‌ବିସି ପ୍ରଶିକ୍ଷଣ ଶିବିର ହେବାକୁ ଥିବା ବେଳେ ତାହା ହୋଇପାରିନାହିଁ। ଯଦ୍ୱାରା ସରକାରୀ ନିୟମକୁ ଉଲ୍ଲଙ୍ଘନ କରାଯାଇଥିବା ସଦସ୍ୟମାନେ କହିଛନ୍ତି। ପ୍ରଶିକ୍ଷଣ ଶିବିର ହୋଇ ନ ଥିବା ନେଇ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ବାରିକଙ୍କୁ ପଚାରିବାରୁ ସେ କହିଛନ୍ତି, ସୋମବାର ପିଅନଙ୍କ ଦ୍ୱାରା ସଦସ୍ୟଙ୍କୁ ଅବଗତ କରାଇଥିଲି। ମାତ୍ର ସଦସ୍ୟମାନେ ନ ଆସିବାରୁ ଶିବିର ହୋଇ ପାରିଲା ନାହିଁ। ସଦସ୍ୟ ଓ ସରପଞ୍ଚଙ୍କ ଅଭିଯୋଗ ଅନୁଯାୟୀ, ଶିବିର ମଙ୍ଗଳବାର ହେଉଥିଲେ ମଧ ଦିନ ୧୨ଟାରେ ପ୍ରଧାନଶିକ୍ଷକ ଖବର ଦେଇଥିଲେ। ସିଆର୍‌ସିସି କେଦାରନାଥ ଦାସଙ୍କ କହିବା ଅନୁଯାୟୀ, ପ୍ରଧାନଶିକ୍ଷକ ଶିବିର କରିବାକୁ କୌଣସି ବ୍ୟବସ୍ଥା କରି ନ ଥିବା ବିଦ୍ୟାଳୟରେ ଦେଖିବାକୁ ପାଇଥିଲେ। ପ୍ରଧାନଶିକ୍ଷକଙ୍କ ଏପରି ବେପରୁଆ କାର୍ଯ୍ୟ ପାଇଁ ଆଇନଗତ ପଦକ୍ଷେପ ନେବାକୁ ପରିଚାଳନା ସମିତି ସଦସ୍ୟ ଓ ସରପଞ୍ଚ ଶଶାଙ୍କ ଶେଖର ଖିଲାର ଦାବି କରିଛନ୍ତି।

# ସିଟି, ବି.ଏଡ୍ ତାଲିମରୁ ଛାତ୍ରୀଛାତ୍ର ବଞ୍ଚିତ

- ୨ ବର୍ଷ ହେଲା ଡିଆଇଇଟି ବନ୍ଦ
- ଅନୁଷ୍ଠାନ ସ୍ଥାନାନ୍ତର ନେଇ ଚର୍ଚ୍ଚା

ଯାଜପୁର ଅଫିସ,୧୭।୧




ଯାଜପୁର ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର (ଡିଆଇଇଟି)ରେ ଗତ ୨ ବର୍ଷ ହେଲା ସିଟି ଓ ବି.ଏଡ୍ ଆଡ୍‌ମିଶନ ବନ୍ଦ ରହିଛି। ପୂର୍ବରୁ ତାଲିମପ୍ରାପ୍ତ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ପ୍ରଦାନରେ ଅନିଶ୍ଚିତତା ରହିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଅନ୍ୟପକ୍ଷରେ କରୋନା ଯୋଗୁ ଅନ୍‌ଲାଇନ୍ ଲିଖିତ ପରୀକ୍ଷା ହୋଇ ନ ପାରିବାରୁ ନୂତନ ଆଡ୍‌ମିଶନ କରାଯାଇ ପାରିନାହିଁ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷରେ ଏହି ଅନୁଷ୍ଠାନକୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବାକୁ ପ୍ରସ୍ତୁତି ଚାଲିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ଯାଜପୁର ଜିଲାର ଶିକ୍ଷା କ୍ଷେତ୍ରରେ ଭିତ୍ତିଭୂମି ଏବେ ବି ଦୁର୍ବଳ ରହିଛି। ଏହି ଦୃଷ୍ଟିରୁ ଶିକ୍ଷା ବିଭାଗ ଅଧିକାରୀମାନଙ୍କ କାର୍ଯ୍ୟ ସମ୍ପାଦନରେ ଆହୁରି ଉନ୍ନତି କରିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ସର୍ବଶିକ୍ଷା ଅଭିଯାନ ଦ୍ୱାରା ପରିଚାଳିତ ଜିଲାର ସମୁଦାୟ ୨୦୧୨ ସରକାରୀ ସ୍କୁଲ ମଧ୍ୟରୁ ଏକାଧିକ ସ୍କୁଲ ଗୃହ କାନ୍ଥରେ ବର୍ତ୍ତମାନ ସୁଦ୍ଧା ଫାଟ ସୃଷ୍ଟି ହୋଇଥିବା ଦେଖାଯାଇଛି। ଏହାବାଦ ସମସ୍ତ ସ୍କୁଲରେ ଏଯାଏ ସ୍ୱଚ୍ଛ ପାନୀୟ ମିଳୁନାହିଁ, ଅଧିକାଂଶ ସ୍କୁଲରେ ଶୌଚାଳୟଗୁଡିକ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ବିଦ୍ୟୁତ୍ ସଂଯୋଗ ଏବଂ ବ୍ୟବହାର ଉପଯୋଗୀ ଖେଳପଡ଼ିଆ ନ ଥିବାରୁ ଶିକ୍ଷାର ଗୁଣାତ୍ମକ ବିକାଶ, ଶିକ୍ଷାନୁଷ୍ଠାନର ଉନ୍ନତି ଏବଂ ସର୍ବୋପରି ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ୀକରଣ କେତେ ସଫଳ ତାହା ଜଳଜଳ ହୋଇ ଦିଶୁଛି। ଶିକ୍ଷକଙ୍କ ଅଭାବ ସହିତ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲରେ ଶୌଚାଳୟ, ପାଣି ଓ ଆବଶ୍ୟକ ବିଲ୍ଡିଂକୁ ନେଇ ଜିଲାରେ ଅବ୍ୟବସ୍ଥା ରେକର୍ଡ ସୃଷ୍ଟି କରିଛି। ଏହାର ପ୍ରତିକାର ପାଇଁ ୨୦୧୬ରେ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ନିକଟରେ ଏକ ମାମଲା ରୁଜୁ ହୋଇଥିଲା। ଏନେଇ ଓପେପା ପକ୍ଷରୁ ୨୦୧୮ ଏପ୍ରିଲ ୧୭ରେ ସବିଶେଷ ତଥ୍ୟ ମଗାଯାଇଥିଲା। ସେତେବେଳେ ଜିଲା ସିଭିଲ୍ ଇନଫ୍ରାଷ୍ଟ୍ରକ୍ଚର ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ୫୭ଟି ସ୍କୁଲରେ ବାଳିକା ଏବଂ ୩୨ଟି ସ୍କୁଲରେ ବାଳକମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ନ ଥିଲା। ସେହିପରି ୨୦ଟି ସ୍କୁଲ ଗୃହ ନ ଥିବାର ରିପୋର୍ଟରେ ଦର୍ଶାଯାଇଥିଲା। ଓପେପାର ପ୍ରକଳ୍ପ ନିର୍ଦ୍ଦେଶକ ସ୍ୱଚ୍ଛ ପାନୀୟ ବ୍ୟବସ୍ଥା, ସ୍ୱତନ୍ତ୍ର ଶୌଚାଳୟ ଓ ଶୌଚାଳୟ ଠିକ୍ ଭାବେ କାର୍ଯ୍ୟକାରୀ ନ ହେବା, ଶ୍ରେଣୀଗୃହରେ ବିଦ୍ୟୁତ ସଂଯୋଗ ନ ଥିବା ଓ ବିପଦପୂର୍ଣ୍ଣ ଖୋଲା ବିଦ୍ୟୁତ ପଏଣ୍ଟ ରହିଥିବା, ଫ୍ୟାନ ଓ ଆଲୁଅ ଆଦି ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଯେଉଁ ସ୍କୁଲଗୁଡିକ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନରେ କାର୍ଯ୍ୟ ସମ୍ପାଦନ ହେବାର ଅଛି ସେ ସମ୍ପର୍କରେ ଜିଲା ପଞ୍ଚାୟତ ଅଧିକାରୀଙ୍କୁ ଜିଲା ଶିକ୍ଷାଧିକାରୀ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଦ୍ଦେଶ ହୋଇଥିଲା। ବ୍ୟବହାର ଉପଯୋଗୀ ଖେଳପଡିଆ ନ ଥିବା ସ୍କୁଲଗୁଡ଼ିକୁ ସେ ଅଧିକ ପ୍ରାଧାନ୍ୟ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ପତ୍ର ମାଧ୍ୟମରେ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ଜଣାଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ଏବଂ ଖେଳପଡିଆ ବ୍ୟବହାର ଉପଯୋଗୀ କରିବାକୁ ବିହିତ ପଦକ୍ଷେପ ନେବାକୁ ଗୁରୁତ୍ୱାରୋପ ହୋଇଥିଲା। ଯଦି ସ୍କୁଲର ଆବଶ୍ୟକ ଜମି ନାହିଁ, ତେବେ ନିକଟରେ ଥିବା ସରକାରୀ ଜମିକୁ ଚିହ୍ନଟ କରି ଖେଳପଡ଼ିଆ ଭାବେ ବ୍ୟବହାର କରିପାରିବେ ବୋଲି ପତ୍ରରେ ଉଲ୍ଲେଖ ରହିଥିଲା। ହେଲେ ଏଯାଏ ଏହି ନିର୍ଦ୍ଦେଶ ଉପରେ ଶତପ୍ରତିଶତ କାର୍ଯ୍ୟ ସମ୍ପାଦନ ହୋଇ ପାରିନାହିଁ ବୋଲି ଅଭିଯୋଗ ହୋଇଛି। ତେବେ ପ୍ରାୟ ସମସ୍ତ ସ୍କୁଲରେ ଶିକ୍ଷକ ଅଭାବ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ଅନ୍ତରାୟ ସୃଷ୍ଟି କରୁଛି। ଏଭଳିସ୍ଥିତିରେ ଗତ ୨ ବର୍ଷ ହେଲା ଡିଆଇଇଟିରେ ନୂତନ ଛାତ୍ରୀଛାତ୍ରଙ୍କୁ ଆଡ୍‌ମିଶନ ନ କରିବା ଶିକ୍ଷକ ଅଭାବକୁ ଦ୍ୱିଗୁଣିତ କରୁଛି ବୋଲି ମତପ୍ରକାଶ ପାଇଛି। ଏହି ପ୍ରତିଷ୍ଠାନରେ ପ୍ରଥମ ଓ ଦ୍ୱିତୀୟ ବର୍ଷରେ ୧୦୦ ଜଣ ଲେଖାଏ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେବାର ବ୍ୟବସ୍ଥା କରାଯାଇଛି। ୬୪ ଜଣ ଛାତ୍ରୀମାନଙ୍କ ପାଇଁ ହଷ୍ଟେଲ ସୁବିଧା ଥିବାବେଳେ ଛାତ୍ରମାନଙ୍କ ପାଇଁ ସେଭଳି କୌଣସି ସ୍ୱତନ୍ତ୍ର ରହିବା ବ୍ୟବସ୍ଥା ନାହିଁ। ତେବେ ୪୦ ଜଣ ପିଲାଙ୍କୁ ଅସ୍ଥାୟୀ ଭାବେ ରହି ତାଲିମ ନେବାର ବ୍ୟବସ୍ଥା ରହିଛି।

ଏ ସଂକ୍ରାନ୍ତରେ ଡିଆଇଇଟିର ପ୍ରିନ୍ସିପାଲ ନିବେଦିତା ଗୁରୁଙ୍କୁ ପଚାରିବାରେ ସେ କହିଛନ୍ତି, ଗତ ୨ ବର୍ଷ ହେଲା ଆଡ୍‌ମିଶନ ନ ହେବା ପଛରେ କରୋନା ମୁଖ୍ୟ କାରଣ ହୋଇଥିଲା। ଏହାପରେ ଅନ୍‌ଲାଇନ୍‌ରେ ଲିଖିତ ପରୀକ୍ଷା ହୋଇପାରିନାହିଁ। ତେବେ ଏଠାରେ ଅନ୍ୟାନ୍ୟ ପ୍ରଶିକ୍ଷଣ କାର୍ଯ୍ୟ ଜାରି ରହିଛି। ଚଳିତବର୍ଷ ନୂତନ ଆଡ୍‌ମିଶନ ହେବାର ସମ୍ଭାବନା ରହିଛି।

## ସୁଶାନ୍ତ ମେମୋରିଆଲ କ୍ରିକେଟ: ହରିପୁର ଚାମ୍ପିୟନ

ରସୁଲପୁର,୧୭।୧(ଡି.ଏନ.ଏ.):

ରସୁଲପୁର ବ୍ଲକ ଅନ୍ତର୍ଗତ ବଡ଼କଇଞ୍ଚ ପଞ୍ଚାୟତ ଖେଳପଡ଼ିଆରେ ଅନୁଷ୍ଠିତ ୫ମ ଜିଲାସ୍ତରୀୟ ସୁଶାନ୍ତ ମେମୋରିଆଲ କ୍ରିକେଟ କପ୍-୨୦୨୩ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ହରିପୁର କ୍ରିକେଟ ଦଳ ଚାମ୍ପିୟନ ହୋଇଛି। ପ୍ରତିପକ୍ଷ ଚୋରମୁହାଁ କ୍ରିକେଟ ଦଳ ରନର୍ସ ଅପ୍ ହୋଇଛି। ମା' ଜାଗୁଳାଇ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୫ଦିନ ଧରି ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ହରିପୁର ଓ ଚୋରମୁହାଁ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ହରିପୁର କ୍ରିକେଟ ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ଓଭରର ୧୦ ବଲ ବାକି ଥାଇ ସମସ୍ତ ଉଇକେଟ ହରାଇ ୯୧ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଚୋରମୁହାଁ ଦଳ ନିର୍ଦ୍ଧାରିତ ଓଭର ଶେଷ ହେବାକୁ ୧.୨ ଓଭର ବାକି ଥିବା ବେଳେ ଦଳୀୟ ସ୍କୋର ୫୧ ରନରେ ସମସ୍ତ ଉଇକେଟ ହରାଇ ପରାଜୟ ବରଣ କରିଥିଲା।

ଟ୍ରଫି ପ୍ରଦାନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ବ୍ରଜକିଶୋର ମହାରଣା, ସମ୍ମାନିତ ଅତିଥି ଭାବେ ଦିଲୀପ କୁମାର ରଥ, ବଡ଼କଇଞ୍ଚ ସମିତିସଭ୍ୟ ସୌମ୍ୟରଞ୍ଜନ ରାଉତ, ନିର୍ବାହୀ ଅଧିକାରୀ ସୁଧୀର କୁମାର ମହାନ୍ତି ପ୍ରମୁଖ ଯୋଗଦେଇ ଉଭୟ ବିଜେତା ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଚାମ୍ପିୟନ ଦଳର ଶ୍ରୀଧର ତ୍ରିପାଠୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ପ୍ରଶାନ୍ତ ମହାନ୍ତିଙ୍କୁ ମ୍ୟାନ ଅଫ୍ ଦି ସିରିଜ୍ ଭାବେ ପୁରସ୍କୃତ କରାଯାଇଥିଲା। ଫାଇନାଲ ମ୍ୟାଚ୍‌କୁ ଅମ୍ପାୟର ଭାବେ ବିଭାସ ରଞ୍ଜନ ରଥ ଏବଂ ଲିଟୁ ରାଉତ ଖେଳକୁ ପରିଚାଳନା କରିଥିବା ବେଳେ ରମେଶ ପ୍ରଧାନ ଧନ୍ୟବାଦ ଦେଇଥିଲେ। ମା'ଜାଗୁଳାଇ କ୍ଲବର ଯୁବକମାନେ ଖେଳକୁ ପରିଚାଳନା କରିଥିଲେ। ଉକ୍ତ ଟୁର୍ନାମେଣ୍ଟରେ ଜିଲାର ବିଭିନ୍ନ ବ୍ଲକରୁ ୮ ଦଳ ଭାଗ ନେଇଥିଲେ। ଖବରଦାତା ଆଲୋକ ପହିଙ୍ଗ ସମେତ ଗ୍ରାମର ଯୁବକମାନେ ଖେଳ ପରିଚାଳାନରେ ସହଯୋଗ କରିଥିଲେ।



ଚାମ୍ପିୟନଦଳକୁ ଅତିଥି ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରୁଛନ୍ତି।

# ବରୁଣେଶ୍ୱର ମେଳାରେ ଜମୁଛି ଭିଡ଼

ପ୍ରୀତିପୁର,୧୭।୧(ଡି.ଏନ୍.ଏ.):

ବରୁଣେଶ୍ୱର ମେଳାର ୪ର୍ଥ ସନ୍ଧ୍ୟାରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଛି। ମେଳାକୁ ଆସୁଥିବା ହଜାରହଜାର ସଂଖ୍ୟାର ଗାଡ଼ି ମୋଟରକୁ ନିୟନ୍ତ୍ରଣ ପାଇଁ ବିଞ୍ଝାରପୁର ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ମେଳାପଡ଼ିଆକୁ ସଂଯୋଗ କରୁଥିବା ସମସ୍ତ ୩ ରାସ୍ତାରେ ଚେକ୍ ପୋଷ୍ଟ କରାଯାଇ ୪ ଚକିଆ ଓ ୩ ଚକିଆ ଯାନ ଗୁଡକୁ ରଖିବା ପାଇଁ ଷ୍ଟାଣ୍ଡର ବ୍ୟବସ୍ଥା କରାଯାଇଛି। ୧୫ ଓ ୧୬ ଦୁଇ ଦିନ ଧରି ଅନୁଷ୍ଠିତ ବରୁଣେଶ୍ୱର ମହୋତ୍ସବ ସମାପ୍ତ ହୋଇଥିବାବେଳେ ବରୁଣେଶ୍ୱର ମେଳା କିନ୍ତୁ ୨୩ ତାରିଖ ଯାଏ ଅନୁଷ୍ଠିତ ହେବ। ମହୋତ୍ସବ ସମାପ୍ତ ହେବାପରେ ମଙ୍ଗଳବାରଠାରୁ ସ୍ୱର୍ଣ୍ଣ ମନ୍ଦିର ଅପେରା ପାର୍ଟି ନାଟକ ପରିବେଷଣ ଆରମ୍ଭ କରିଛି। ବୁଧବାରଠାରୁ ଯଥାକ୍ରମେ; ଶିବାନୀ ଗଣନାଟ୍ୟ, ତୁଳସୀ ଗଣନାଟ୍ୟ, କଳିଙ୍ଗ ଗଣନାଟ୍ୟ, ସୂର୍ଯ୍ୟ ମନ୍ଦିର ଗଣନାଟ୍ୟ ନାଟକ ପରିବେଷଣ କରିବେ ବୋଲି ମେଳା କମିଟି ପକ୍ଷରୁ କୁହାଯାଇଛି। ମନ୍ଦିର ପରିସର ମଧ୍ୟରେ ବାଲୁକା ଶିଳ୍ପୀ ଯଶୋବନ୍ତ ଦାସଙ୍କ ଦ୍ୱାରା ବାଲିରେ ନିର୍ମିତ ହକି ଷ୍ଟାଡିୟମ ଦର୍ଶକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ଶହଶହ ସଂଖ୍ୟାରେ ଦର୍ଶକ ସେଠାରେ ଫଟୋ ଉଠାଉଥିବା ଦେଖାଯାଇଛି। ଅପରପକ୍ଷରେ ମେଳା ପଡ଼ିଆରେ ୮ ଶହରୁ ଉର୍ଦ୍ଧ୍ୱ ଷ୍ଟଲ ପଡ଼ିଥିବାବେଳେ ୨ଶହରୁ ଉର୍ଦ୍ଧ୍ୱ ଭ୍ରାମ୍ୟମାଣ ଆଇସକ୍ରିମ ଓ ଗୁପ୍‌ଚୁପ୍ ଦୋକାନ ପଡିଛି। ମହିଳାମାନେ ବିଶେଷକରି ଚାଟ୍, ଗୁପ୍‌ଚୁପ୍‌ପ, ଲଙ୍କା ଚପ୍ ଓ ଠୁଙ୍କାପୁରୀ ଆଦି ଦୋକାନ ସମ୍ମୁଖରେ ଭିଡ ଜମାଇବା ସହିତ ଚିନାମାଟିରେ ନିର୍ମିତ କପ୍ ପ୍ଲେଟ, ରାଜ୍ୟ ବାହାରର ବ୍ୟବସାୟୀଙ୍କ ଦ୍ୱାରା ବିକ୍ରି କରାଯାଉଥିବା ଶୀତବସ୍ତ୍ର ସାମଗ୍ରୀ ଓ ଘର କରଣା ସାମଗ୍ରୀ କିଣାକିଣି କରୁଥିବା ଦେଖାଯାଇଛି। ଦୋକାନ ଗୁଡିକରେ ଝିକମିକ୍ ଆଲୋକ ମେଳା ପଡ଼ିଆର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରୁଛି।



ମେଳାରେ ଲୋକଙ୍କ ଭିଡ଼ ଜମିଛି।




ବାଲୁକା ଶିଳ୍ପୀ ଯଶୋବନ୍ତ ଦାସଙ୍କ ଦ୍ୱାରା ବାଲିରେ ନିର୍ମିତ ହକି ଷ୍ଟାଡିୟମ।

## ଟ୍ରକ୍ ପଛରେ କାର୍ ପିଟି ହେବା ଘଟଣା: ଟ୍ରକ୍ ଚାଳକ ଗିରଫ

ରସୁଲପୁର,୧୭।୧(ଡି.ଏନ.ଏ.):

କୁଆଖିଆ ଥାନା ୧୬ନଂ. ଜାତୀୟ ରାଜପଥର କ୍ରିଷ୍ଣା ହୋଟେଲ ସମ୍ମୁଖରେ ୧୩ ତାରିଖ ରାତିରେ ଟ୍ରକ୍ ପଛରେ କାର୍ ପିଟିହେବାରୁ ୨ ଯୁବକଙ୍କ ମୃତ୍ୟୁ ଘଟଣାରେ ପୋଲିସ ମଙ୍ଗଳବାର ସମ୍ପୃକ୍ତ ଟ୍ରକ୍ ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ଖୋର୍ଦ୍ଧା ଥାନା କୁମ୍ଭିଲୋ ଗ୍ରାମର ହେମନ୍ତ କୁମାର ସାମନ୍ତରାୟ(୪୦)। ଉକ୍ତ ଦୁର୍ଘଟଣାରେ ତାଙ୍କ ସମ୍ପୃକ୍ତି ଥିବା ପୋଲିସ ଦର୍ଶାଇଛି। ଘଟଣା ଦିନ ଟ୍ରକ୍‌କୁ ପାର୍କିଂରେ ନ ରଖି ଚାଳକ ରାଜପଥ ପାର୍ଶ୍ୱରେ ଥୋଇ ଦେଇଥିଲେ। ଏଥିସହିତ ପଛରେ କୌଣସି ସତର୍କତାମୂଳକ ସୂଚନା ପ୍ରଦାନ କରି ନ ଥିଲେ। ରାତିରେ ଘନ କୁହୁଡି କାରଣରୁ ଟ୍ରକ୍ ରାସ୍ତା ପାର୍ଶ୍ୱରେ ଥୁଆ ହୋଇଥିବା ଜାଣି ନ ପାରି କାର୍ ଚାଳକ ଟ୍ରକ ପଛ ପଟୁ ଧକ୍କା ଦେଇଥିଲେ। ଫଳରେ ଘଟଣାସ୍ଥଳରେ କାର୍‌ରେ ବସିଥିବା ୨ ଯୁବକଙ୍କ ମୃତ୍ୟୁ ହୋଇଥିଲା। କାର୍‌ରେ ଥିବା ଅନ୍ୟ ୩ଜଣ ଗୁରୁତର ଆହତ ହୋଇଥିଲେ। କୁଆଖିଆ ପୋଲିସ ଘଟଣାସ୍ଥଳରୁ ଟ୍ରକଟିକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା। ଜବତ ଟ୍ରକଟି ଖୋର୍ଦ୍ଧା ଜିଲାରୁ କୁକୁଡା ଦାନା ବୋଝେଇ କରି ଭଦ୍ରକ ଯାଉଥିଲା। ରାତିରେ ଘନ କୁହୁଡି ଯୋଗୁ ଚାଳକ ଆଗକୁ ନ ଯାଇ ଟ୍ରକକୁ ରାସ୍ତା ପାର୍ଶ୍ୱରେ ଥୋଇ ଦେଇଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି।

## ଆନ୍ତଃମହାବିଦ୍ୟାଳୟ କିକ୍ ବକ୍ସିଂ ପ୍ରତିଯୋଗିତା ଉଦ୍‌ଯାପିତ

ଯାଜପୁର ଟାଉନ,୧୭।୧(ଡି.ଏନ.ଏ.):

ଉତ୍କଳ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଆନ୍ତଃମହାବିଦ୍ୟାଳୟ କିକ୍ ବକ୍ସିଂ ପ୍ରତିଯୋଗିତା ଯାଜପୁର ଟାଉନସ୍ଥିତ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତା ଉଭୟ ପୁରୁଷ ଓ ମହିଳା ବିଭାଗରେ ଅନୁଷ୍ଠିତ ହୋଇଥିଲା। ୧୪ଟି ମହାବିଦ୍ୟାଳୟରୁ ୭୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ଉଦ୍‌ଘାଟନ କରି ଅଧ୍ୟକ୍ଷ ଡ. ବିଷ୍ଣୁଚରଣ ଦାସ କିକ୍ ବକ୍ସିଂ ଆତ୍ମରକ୍ଷା ପାଇଁ ବହୁତ ଜରୁରୀ ବୋଲି କହିବା ସହ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ସମାଜ ଗଠନରେ ଆଗେଇ ଆସିବା ପାଇଁ ପ୍ରେରିତ କରିଥିଲେ। ଡ. ଦାସ ୱାକୋ ଓଡ଼ିଶାକୁ ପ୍ରତିଯୋଗିତା ସୁପରିଚାଳନା ପାଇଁ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତାରେ ଜନତା କଲେଜ ଉଭୟ ପୁରୁଷ ଓ ମହିଳା ବର୍ଗର ଚାମ୍ପିୟନ ହୋଇଥିଲା। ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଉଭୟ ବର୍ଗରେ ରନର୍ସଅପ୍ ବିବେଚିତ ହୋଇଥିଲା। ଅଧ୍ୟାପକ ଡ. ଦିବ୍ୟଲୋଚନ ସିଂହ ପୁରସ୍କାର ବିତରଣ କରିଥିଲେ। ଖେଳାଳିମାନେ ଏହି ପ୍ରତିଯୋଗିତାରୁ ମନୋନୀତ ହୋଇ ଆନ୍ତଃବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ଭାଗ ନେବେ। ପ୍ରତିଯୋଗିତାକୁ ଶ୍ରୀକୃଷ୍ଣ ଚନ୍ଦ୍ର ଡାକୁଆ, ମିହିର ସାହୁ, ବିଚିତ୍ରାନନ୍ଦ ଜେନା, ସୁଜିତ୍ ଗୁପ୍ତା, ଭାଗ୍ୟଶ୍ରୀ ମହାପାତ୍ର ଓ ରଞ୍ଜନ ସୂତାର ପରିଚାଳନା କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ପ୍ରମୋଦ ମେମୋରିଆଲ କ୍ରିକେଟ: ସାମନ୍ତରାପୁର ଚାମ୍ପିୟନ



ଚାମ୍ପିୟନ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

ରସୁଲପୁର,୧୭।୧(ଡି.ଏନ.ଏ.):

ରସୁଲପୁର ବ୍ଲକ ଅଧୀନ ଗଙ୍ଗାଧରପୁର ହାଇସ୍କୁଲ ଖେଳ ପଡ଼ିଆରେ ଆୟୋଜିତ ୧୯ତମ କ୍ରିକେଟ କପ୍-୨୦୨୩ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାମନ୍ତରାପୁର କ୍ରିକେଟ କ୍ଲବ୍ ଚାମ୍ପିୟନ ହୋଇଛି। ପ୍ରତିପକ୍ଷ ଦଳ ମା'ମଙ୍ଗଳା କ୍ରିକେଟ କ୍ଲବ ରନର୍ସ ଅପ୍ ହୋଇଛି। ଫାଇନାଲ ମ୍ୟାଚ୍ ସାମନ୍ତରାପୁର କ୍ରିକେଟ କ୍ଲବ ଓ ମା' ମଙ୍ଗଳା କ୍ରିକେଟ କ୍ଲବ ବାଲିହୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରମୋଦ ମେମୋରିଆଲ ଓ ଏମ୍‌ସିସି କ୍ଲବ୍ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ସାମନ୍ତରାପୁର ଦଳ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୫ ଓଭରରେ ୧୦୯ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ଦଳ ସୀମିତ ଓଭରରେ ୧୦୪ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା।

ଉଦ୍‌ଯାପନୀ ସଭାରେ ବରିଷ୍ଠ ସଂଗଠକ ଲକ୍ଷ୍ମୀଧର ପତି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବରୀ ଭାଜପା ନେତା ଉମେଶ ଜେନା, ସମ୍ମାନିତ ଅତିଥି ଭାଜପା ଏସ୍‌ସି ମୋର୍ଚ୍ଚା ରାଜ୍ୟ ସଂଯୋଜକ ରବିନାରାୟଣ ବେହେରା, ଓବିସି ସେଲ୍ ରାଜ୍ୟ ଉପସଭାପତି ଆଶୁତୋଷ ପରିଡ଼ା, ଯାଜପୁର ଜିଲା ସମ୍ପାଦକ ମୁକୁନ୍ଦ ମହାନ୍ତି, ସୁବଳ ମଲିକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଟ୍ରଫି ସହ ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଚାମ୍ପିୟନ ଦଳର ଖେଳାଳି ଡି.ଟି. ମାଝିଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍, ରସର୍ନଅପ ଦଳର ଆର.କେ. ପାଣ୍ଡେଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ନିରାକାର ସର, ବାଉରି ମଲିକ ଅମ୍ପାୟରର ଦାୟିତ୍ୱ ତୁଲାଇଥିଲେ। ବବୁଲ ମଲିକ, ସୁବଳ ମଲିକ, ଶିଶିରକାନ୍ତ ମଲିକ, ମାନସ ସାମଲ ପ୍ରମୁଖ ଅଫିସିଆଲ ସ୍କୋରର ଓ ଭାଷ୍ୟକାର ଦାୟିତ୍ୱ ତୁଲାଇ ଥିଲେ। ସୁବ୍ରତ କୁମାର ଜେନା ଧନ୍ୟବାଦ ଦେଇଥିଲେ।

## ଗୋକର୍ଣ୍ଣିକା ସାହିତ୍ୟ ସମାଜର ନୂତନ କର୍ମକର୍ତ୍ତା

ଧର୍ମଶାଳା,୧୭।୧(ଡି.ଏନ.ଏ.):

ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ଗୋକର୍ଣ୍ଣିକା ସାହିତ୍ୟ ସମାଜର ୨୦୨୩ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ଉପଦେଷ୍ଟାଭାବେ ଶିଶୁ ସାହିତ୍ୟ ସ୍ରଷ୍ଟା ବଟକୃଷ୍ଣ ଓଝା, ବିଦ୍ୟାଧର ସାହୁ, ପ୍ରଫେସର ବିଜୟ ଶତପଥୀ, ଡ. ପୁରୁଷୋତ୍ତମ ବିଶ୍ୱାଳ, ଡ. ଧରଣୀଧର ସାହୁ, ନିରଞ୍ଜନ ଶତପଥୀ ଓ ରାଜକିଶୋର ପାଢ଼ୀ ରହିଛନ୍ତି। ସଭାପତି ଭାବେ ରମାକାନ୍ତ ଜେନା, କାର୍ଯ୍ୟକାରୀ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି, ଉପସଭାପତି ଡ. ତୁହିନାଂଶୁ ରଥ, ସାଧାରଣ ସମ୍ପାଦକ ମହେଶ୍ୱର ପାଢ଼ୀ, ସଂଗଠନ ସମ୍ପାଦକ ପ୍ରତାପରୁଦ୍ର ପଣ୍ଡା, ସହସମ୍ପାଦକ ଲୋପାମୁଦ୍ରା ଜେନା ଓ କୋଷାଧ୍ୟକ୍ଷ ଭାବେ ପ୍ରଦୀପ ସାମଲ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରୀ ସମିତି ସଦସ୍ୟଭାବେ ବଟକୃଷ୍ଣ ପରିଡ଼ା, ମିନତି ସାହୁ, ମାଧୁରୀ ଶତପଥୀ, ହୃଷୀକେଶ ସାମଲ, ଡ. ଗୌତମ ଜେନା, ସଂଗ୍ରାମ କେଶରୀ ଜେନା, ବ୍ରଜକିଶୋର ଦାଶ, ଡ. ମହେଶ୍ୱର ଜେନା ସାମନ୍ତ, ଡ. ଇନ୍ଦୁପ୍ରଭା ସାମଲ, ସନ୍ତୋଷ ତରାଇ, ସୁନାକର ସାହୁ, ନାରାୟଣ ନନ୍ଦ, ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରହ୍ଲାଦ ପଣ୍ଡା, ଡ. ସସ୍ମିତା ଦାଶ, ଡ. ଅଭିନ୍ନଚନ୍ଦ୍ର ଦାଶ, ଗାୟତ୍ରୀ ନାୟକ, ବିଜୟ ନାୟକ ଓ କୃଷ୍ଣଚନ୍ଦ୍ର ପାତ୍ର ମନୋନୀତ ହୋଇଥିବାସାଧାରଣ ସମ୍ପାଦକ ପାଢ଼ୀ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ ତାଲିକାରେ ତ୍ରୁଟି

ବରୀ,୧୭।୧(ଡି.ଏନ.ଏ.):

**ବରୀ ବ୍ଲକ୍**

- ହିତାଧିକାରୀଙ୍କ ମଧ୍ୟରେ ବଢ଼ୁଛି ଅସନ୍ତୋଷ
- ସଂଶୋଧିତ ତାଲିକା ପ୍ରକାଶ କରିବାକୁ ଦାବି




ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଆବଣ୍ଟନ କ୍ଷେତ୍ରରେ ସ୍ୱଚ୍ଛତା ବଜାୟ ପାଇଁ ନିର୍ଦ୍ଦିଷ୍ଟ ନିୟମ ଜାରି କରାଯାଇଛି। ମାତ୍ର ବରୀ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଲାଗିଥିବା ତାଲିକା ତ୍ରୁଟିପୂର୍ଣ୍ଣ ଥିବା ଅଭିଯୋଗ ହୋଇଛି। ଫଳରେ ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ସଂଶୋଧିତ ତାଲିକା ପ୍ରକାଶ କରିବାକୁ ଦାବି ହୋଇଛି।

ସୂଚନା ମୁତାବକ, ବିଗତ ଦିନରେ ପଞ୍ଜୀକୃତ ଥିବା ବ୍ଲକ୍ ଅଧୀନ ବିଭିନ୍ନ ପଞ୍ଚାୟତର ହିତାଧିକାରୀମାନେ ଏବେ ପଞ୍ଚାୟତ କାର୍ଯ୍ୟାଳୟରେ ଉପଲବ୍ଧ ହୋଇଥିବା ତାଲିକାରୁ ବଞ୍ଚିତ ହୋଇଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ତରଫରୁ ଏହି ଯୋଜନାରେ ନିଜ ଦଳର ସମର୍ଥିତ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା। କିନ୍ତୁ ଏଥର ଆବାସ ଯୋଜନା ଆବଣ୍ଟନ ସ୍ୱଚ୍ଛତା ରଖିବା କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ପରେ ଏହାକୁ ରାଜ୍ୟ ସରକାର କଡ଼ାକଡ଼ି ଭାବେ ପାଳନ କରୁଥିବା ଦେଖିବାକୁ ମିଳିଛି। ତେବେ ମୂଳ ତାଲିକାରେ ନାମ ନ ଥିବା କିଛି ଅବିବାହିତଙ୍କ ନାମ ଏବେ ପଞ୍ଚାୟତ ତାଲିକାରେ ରହିଥିବାରୁ ପ୍ରଶାସନର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଶେଷକରି ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ଲଗାଯାଉଥିବା ତାଲିକାକୁ ଉଦ୍ଦେଶ୍ୟମୂଳକ ଭାବେ କର୍ମଚାରୀ ଖୁବ୍ କମ୍ ସମୟ ମଧ୍ୟରେ ହଟାଇ ନେବା ଯୋଗୁ ହିତାଧିକାରୀ ସେମାନଙ୍କ ନାମ ଅଛି କି ନାହିଁ ତାହା ଜାଣିବାର ସୁଯୋଗ ପାଉନାହାନ୍ତି। ଆବାସ ଯୋଜନାରେ ସ୍ୱଚ୍ଛତା ଆଣିବାକୁ ଟୋଲ୍ ଫ୍ରି' ନମ୍ବରରେ ବ୍ଲକ୍ ପ୍ରଶାସନ, ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରାଯାଇ ପାରିବ ବୋଲି ସୂଚନା ରହିଛି। ଏହି ମର୍ମରେ ବିଭିନ୍ନ ପଞ୍ଚାୟତର ରାଜନୈତିକ ନେତା ତାଙ୍କ ଦଳୀୟ କର୍ମୀଙ୍କୁ ଏହି ଯୋଜନାରେ ସାମିଲ କରିବାକୁ ଉଦ୍ୟମ କରୁଛନ୍ତି। ମାତ୍ର ପ୍ରଶାସନିକ ଅଧିକାରୀ ଏହି ତଦନ୍ତ ପ୍ରକ୍ରିୟାକୁ କିଭଳି ଭାବେ ସୁଚାରୁରୂପେ ସମ୍ପାଦନ କରିବେ ତାହା ସମୟ ହିଁ କହିବ। କେତେଜଣ ରାଜନେତାଙ୍କ ଚାପର ବଶବର୍ତ୍ତୀ ହୋଇ ତଦନ୍ତ ଦାୟିତ୍ୱରେ ଥିବା କିଛି ଅଧିକାରୀ ପଞ୍ଚାୟତସ୍ତରୀୟ ନେତାଙ୍କ ସହାୟତାରେ ଅର୍ଥ ଆଦାୟ କରିଥିଲେ। ମାତ୍ର ଏବେ ସରକାରୀ ନିୟମ କଡ଼ାକଡ଼ି ଭାବେ ପାଳନ କରିବାକୁ ପ୍ରଶାସନ ଅଣ୍ଟାଭିଡୁଥିବାରୁ ଏହା ସେମାନଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଏ ସମ୍ପର୍କରେ ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଚିନ୍ମୟ ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ବିଭିନ୍ନ ପଞ୍ଚାୟତର ମୂଳ ତାଲିକା ସହ ପ୍ରକାଶିତ ତାଲିକାର ତାଳ ମେଳ ରହୁ ନ ଥିବା ଅଭିଯୋଗ ଆସିଛି। ତେଣୁ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଏହାକୁ ସଂଶୋଧିତ କରି ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ଉପଲବ୍ଧ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

## ମାନସିକ ଅବସାଦ ଦୂର ପାଇଁ ପ୍ରାଣାୟମ ଜରୁରୀ

ପାରାଦୀପ,(ସ୍ୱ.ପ୍ର.): ପିପିଏଲ୍ ଟାଉନଶିପରେ ମଙ୍ଗଳବାର ଦିନିକିଆ ଆଧାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କମ୍ପାନୀ କର୍ମଚାରୀ, ଶ୍ରମିକ ଓ ସେମାନଙ୍କ ପରିବାର ଲୋକଙ୍କ ସହ ଭିନ୍ନ ଭିନ୍ନ ସମୟରେ ଯୋଗ ପ୍ରାଣାୟମ ସମ୍ପର୍କରେ ଆଲୋଚନା ହୋଇଥିଲା। ବ୍ରହ୍ମାକୁମାରୀ ରାଜଯୋଗୀ ଡ.ସୁନିତା ଦିଦି ମାଉଣ୍ଟଆବୁ ଏହି ଶିବିର ମୁଖ୍ୟ ଆଲୋଚକ ଥିଲେ। କର୍ମମୟ ଜୀବନରେ ମାନସିକ ଅବସାଦ ଦୂର କରିବା ପାଇଁ ଯୋଗ ପ୍ରାଣାୟମ ଚିନ୍ତନ ଆଦି ଜରୁରୀ ବୋଲି ସେ କହିଥିଲେ। ଏଥିରେ କମ୍ପାନୀ ମୁଖ୍ୟ ପ୍ରଣବ ଭଟ୍ଟାଚାର୍ଯ୍ୟ ଉପସ୍ଥିତ ଥିଲେ।

# ସିଟି ହସ୍ପିଟାଲ ଦାବିରେ କେନ୍ଦ୍ରାପଡ଼ା ବନ୍ଦ



କେନ୍ଦ୍ରାପଡ଼ା ତିନିମୁହାଣୀ ଛକଠାରେ କଟକ- ଚାନ୍ଦବାଲି ରାସ୍ତାକୁ ଅବରୋଧ କରାଯାଇଛି।



ମେଡିକାଲ ଛକରେ ଟାୟାର ଜାଳି ଲୋକଙ୍କ ପ୍ରତିବାଦ କରିଯାଉଛି।

**କେନ୍ଦ୍ରାପଡା ଅଫିସ, ୧୭।୧**

ମେଡିକାଲ ବଞ୍ଚାଅ କ୍ରିୟାନୁଷ୍ଠାନ କମିଟି ଆହ୍ୱାନରେ କେନ୍ଦ୍ରାପଡ଼ା ବନ୍ଦ ସଫଳ ହୋଇଛି। ସହର ଓ ଆଖପାଖ ଅଞ୍ଚଳର ୮ ପଞ୍ଚାୟତବାସୀ ମଙ୍ଗଳବାର ଏହି ୨୪ ଘଣ୍ଟିଆ ବନ୍ଦକୁ ସମର୍ଥନ ଦେଇଛନ୍ତି। ସହରର ଖଡିଅଙ୍ଗସ୍ଥିତ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସିଟି ହସ୍ପିଟାଲ ସ୍ଥାପନ ନ ହେଲେ ଏହି ଆନ୍ଦୋଳନ ତୀବ୍ର ହେବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ସକାଳ ୬ଟାରୁ ଏହି ବନ୍ଦର ପ୍ରଭାବ ସହରସାରା ଦେଖିବାକୁ ମିଳିଥିଲା। ୩୦ରୁ ଅଧିକ ସ୍ଥାନରେ ଟାୟାର ଜଳାଯିବା ସହ ବାଉଁଶ ଦ୍ୱାରା ରାସ୍ତା ଅବରୋଧ କରାଯାଇଥିଲା। ସହରର ପ୍ରବେଶ ସ୍ଥାନ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ତିନିମୁହାଣି ଛକରେ ବିରାଟ ପ୍ରତିବାଦ ସଭା ସହ ରାସ୍ତାରୋକୋ ହୋଇଥିଲା। ଫଳରେ ଜିଲା ଭିତରେ ଯାତ୍ରୀ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଥିଲା। ଏପରିକି ଚାଳତୁଆରୁ ବିବାହ କରିବାକୁ ଆସୁଥିବା ଏକ ମୁସଲମାନ ଦମ୍ପତିଙ୍କୁ ଗାଡି ଛାଡି ଚାଲି ଚାଲି ଯିବାକୁ ପଡିଥିଲା। ପ୍ରାୟ ୧୨ ବର୍ଷ ମଧ୍ୟରେ ଏପରି ସହରାଞ୍ଚଳ ବନ୍ଦ ରହିବା କେହି ଦେଖି ନ ଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ସମସ୍ତ ବ୍ୟବସାୟ ଅନୁଷ୍ଠାନ ବନ୍ଦ ସହ ଜୀବନଯାତ୍ରା ଅଚଳ ହୋଇପଡିଛି। ଏହି ବନ୍ଦକୁ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀର କଂଗ୍ରେସ, ଭାଜପା ଓ କମ୍ୟୁନିଷ୍ଟ ପାର୍ଟି ସମର୍ଥନ ଯୋଗାଇ ଦେଇଛନ୍ତି।

କେନ୍ଦ୍ରାପଡ଼ା ସହରରେ ସିଟି ହସ୍ପିଟାଲ ଦାବି ସମ୍ପର୍କରେ ଭାଜପା ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡା କହିଛନ୍ତି, ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ଖଡିଅଙ୍ଗଠାରେ ଦୀର୍ଘବର୍ଷ ଧରି ଚାଲି ଆସିଥିଲା। ୨୦୧୬ ମସିହାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶାମଗୁଡିଆଠାରେ ମାତୃ ଶିଶୁ ମଙ୍ଗଳ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ପାଇଁ ଯୋଜନା ସହ ଅର୍ଥ ମଞ୍ଜୁର ହୋଇଥିଲା। ଏହି ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଗୃହକୁ ଅଦ୍ୟାବଧି ପୁରୁଣା ଚିକିତ୍ସାଳୟରୁ ବ୍ଲଡ ବ୍ୟାଙ୍କ ଓ ପ୍ରସୂତି ବିଭାଗ ସ୍ଥାନାନ୍ତର ହୋଇ ନ ଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ଉଠାଇ ନିଆଯାଇଛି। ସହରାଞ୍ଚଳବାସୀଙ୍କ ଦାବି ମୁତାବକ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ଭିତ୍ତିଭୂମି ଉପରେ ସିଟି ହସ୍ପିଟାଲ ସ୍ଥାପନ କରାଯାଉ। ଏହାକୁ ଭାଜପା ସମର୍ଥନ କରୁଛି। କଂଗ୍ରେସ ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତି, କେନ୍ଦ୍ରାପଡ଼ା ଜିଲାର ସ୍ୱାସ୍ଥ୍ୟସେବା ପ୍ରତି ରାଜ୍ୟ ସରକାରଙ୍କ ଅଣଦେଖା ଗୁରୁତର ହୋଇଛି। ଜିଲା କଂଗ୍ରେସ ବହୁବାର ମେଡିକାଲ କଲେଜ ସ୍ଥାପନ ପାଇଁ ଆନ୍ଦୋଳନ କରିଥିବା ବେଳେ କର୍ମଚାରୀ ନିଯୁକ୍ତିକୁ ଗୁରୁତ୍ୱ ଦେଇଆସିଛି। ନିକଟରେ ଜିଲା ମୁଖ୍ୟ ଚିକିତ୍ସାଳୟ ଶାମଗୁଡିଆକୁ ସ୍ଥାନାନ୍ତର ହୋଇଛି। ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ଯେଉଁଠାରେ ଥିଲା, ସେଠାରେ ସିଟି ହସ୍ପିଟାଲ ସ୍ଥାପନ ହେଲେ ସହର ଓ ଆଖପାଖ ଅଞ୍ଚଳର ଲକ୍ଷାଧିକ ଲୋକ ସ୍ୱାସ୍ଥ୍ୟସେବା ପାଇପାରିବେ। ଏ ନେଇ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ଅପେକ୍ଷା କରାଯାଇଛି। ସମ୍ମତି ପ୍ରକାଶ ନ ପାଇଲେ ଆନ୍ଦୋଳନକୁ ତୀବ୍ର କରାଯିବ। କ୍ରିୟାନୁଷ୍ଠାନ କମିଟି ସଦସ୍ୟ ପ୍ରଫୁଲ୍ଲ କୁମାର ସାହୁ କହିଛନ୍ତି, ସହରର ମଧ୍ୟବର୍ତ୍ତୀ ସ୍ଥାନରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ଥିଲା। ଫଳରେ ସମସ୍ତେ ତ୍ୱରିତ ସ୍ୱାସ୍ଥ୍ୟସେବା ପାଉଥିଲେ। ସ୍ଥାନାନ୍ତର ଜିଲା ମୁଖ୍ୟ ଚିକିତ୍ସାଳୟର ଦୂରତା ସହରର ଗୋଟିଏ ମୁଣ୍ଡରୁ ପ୍ରାୟ ୧୦ କିମି ରହୁଛି। ଲକ୍ଷାଧିକ ଲୋକଙ୍କ ପାଇଁ ସିଟି ହସ୍ପିଟାଲ ନିର୍ମାଣ ଏବେ ଆବଶ୍ୟକତା ହୋଇଛି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯାଇଛି। ସକାଳ ଓ ସନ୍ଧ୍ୟାରେ ଏଠାରେ ଚିକିତ୍ସା ବ୍ୟବସ୍ଥା ହୋଇଛି। ସିଟି ହସ୍ପିଟାଲରେ ପରିଣତ ପାଇଁ ଅଦ୍ୟାବଧି କୌଣସି ନିର୍ଦ୍ଦେଶନାମା ମିଳିନାହିଁ ବୋଲି ସେ କହିଛନ୍ତି।



ତିନିମୁହାଣୀଠାରେ ରାସ୍ତାରୋକୋ ଯୋଗୁ ନବ ଦମ୍ପତି ଚାଲିକି ଯାଉଛନ୍ତି।

## ସଂକ୍ଷେପରେ

### ୨୧ରେ ଶିକ୍ଷା ସୁରକ୍ଷା, କର୍ମନିଯୁକ୍ତି ଦାବିରେ ଛାତ୍ର ସମାବେଶ

କେନ୍ଦ୍ରାପଡ଼ା ଅଫିସ, ୧୭।୧: କେନ୍ଦ୍ରାପଡ଼ା ଜିଲାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡିଛି। ଶିକ୍ଷିତ ବ୍ୟକ୍ତିଙ୍କୁ କର୍ମ ନିଯୁକ୍ତି ମିଳୁନାହିଁ। ଏହାକୁ ଆଧାର କରି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଆସନ୍ତା ୨୧ରେ ଛାତ୍ର ସମାବେଶ ସହ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ ବୋଲି ପରିଷଦ ପକ୍ଷରୁ ଖବରଦାତା ସମ୍ମିଳନୀରୁ ସୂଚନା ମିଳିଛି। ସହରର ତିନିମୁହାଣିସ୍ଥିତ ରାମମନ୍ଦିର ପରିସରରେ ମଙ୍ଗଳବାର ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ସଂଯୋଜକ ଚିନ୍ମୟ କୁମାର ଦାସ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ଦର୍ଶାଇଥିଲେ ଯେ, ଶିକ୍ଷା ଅନୁଷ୍ଠାନରେ ଶିକ୍ଷକ ପଦବୀ ପୂରଣ ହେଉନାହିଁ। ଜିଲାରେ କ୍ରୀଡ଼ା ଶିକ୍ଷାନୁଷ୍ଠାନ ନାହିଁ। ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ପ୍ରଶାସନ ପକ୍ଷରୁ ଆନ୍ତରିକତା ନ ଥିବାରୁ ଶିକ୍ଷାନୁଷ୍ଠାନଗୁଡିକରେ ଏବେ ଅସାମାଜିକ କାର୍ଯ୍ୟକଳାପ ବଢ଼ିଚାଲିଛି। ସ୍କୁଲ କଲେଜ ନିକଟରେ ନିଶାଦ୍ରବ୍ୟ ବ୍ୟବସାୟ ବଢ଼ି ଚାଲିଥିବାରୁ ଶିକ୍ଷାର୍ଥୀଙ୍କ ଯାତାୟାତ ଏବେ ବିପନ୍ନ ହୋଇଛି। ଏପରିକି ଯୁବ ଶିକ୍ଷାର୍ଥୀଙ୍କୁ ବ୍ରାଉନସୁଗାର, ଚରସ, ଗଞ୍ଜେଇ ପରି ନିଶା ଦ୍ରବ୍ୟ କବଳିତ କରୁଛି। ସେହିପରି ବାଂଲାଦେଶୀଙ୍କ ଅନୁପ୍ରବେଶ ଦ୍ରୁତଗତିରେ ବଢ଼ି ଚାଲିଥିବାରୁ ଉପାନ୍ତ ଅଞ୍ଚଳରେ ମାତୃଭାଷା ଓଡ଼ିଆ ସମ୍ପୂର୍ଣ୍ଣ ବିଲୁପ୍ତ ହେବାକୁ ବସିଛି। ଏହାର ପ୍ରତିବାଦରେ ଛାତ୍ର ସମାବେଶ ହେବ ବୋଲି ସେମାନେ ସୂଚନା ଦେଇଛନ୍ତି।

### ବଡ଼ଭାଇଙ୍କ ମୃତ୍ୟୁ ପରେ ଭାଉଜଙ୍କୁ ବିବାହ କଲେ ଦିଅର

ଆଳି,୧୭।୧(ଡି.ଏନ.ଏ.): ବଡ଼ଭାଇଙ୍କ ମୃତ୍ୟୁ ପରେ ଭାଉଜଙ୍କୁ ଦିଅର ବିବାହ କରିବା ସହ ୩ ପୁଅଝିଅଙ୍କୁ ବାପାର ପରିଚୟ ଦେଇ ସମାଜ ପାଇଁ ଏକ ନିଆରା ବାର୍ତ୍ତା ପ୍ରଦାନ କରିଛନ୍ତି। ଏଭଳି ବିବାହ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ କୁମ୍ଭାରଟଙ୍କା ଗାଁର ଅନିଲ ସେଠୀ କରି ଉଦାହରଣ ପାଲଟିଛନ୍ତି। ଗାଁର ସୁନୀଲ ସେଠୀ ଉକ୍ତ ଗାଁର କାଜଲଙ୍କୁ ୬ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ସୁନୀଲ ଓ କାଜଲ ୩ଟି ସନ୍ତାନଙ୍କୁ ନେଇ ହସଖୁସିର ସଂସାର ଚାଲିଥିଲା। ସୁନୀଲ କର୍କଟ ରୋଗରେ ଆକ୍ରାନ୍ତ ହୋଇ ଦେଢ଼ବର୍ଷ ପୂର୍ବେ ପରଲୋକ ହୋଇଥିଲା। କାଜଲ ସମ୍ପୂର୍ଣ୍ଣ ବେସାହାରା ହୋଇପଡିବା ସହ ୩ ସନ୍ତାନ ବାପଛେଉଣ୍ଡ ହୋଇଯାଇଥିଲେ। କାଜଲଙ୍କୁ ସାହାରା ଓ ପିଲାଙ୍କୁ ବାପାର ପରିଚୟ ଦେବା ଉଦ୍ଦେଶ୍ୟ ନେଇ ସୁନୀଲଙ୍କ ମା'ବାପା ଦୁବାଇରେ ରହୁଥିବା ସାନପୁଅ ଅନିଲଙ୍କୁ ଭାଉଜ ଓ ୩ ପିଲାଙ୍କ ଭବିଷ୍ୟତ ସମ୍ପର୍କରେ ଜଣାଇଥିଲେ। ଭାଉଜ କାଜଲଙ୍କୁ ବିବାହ କରିବାକୁ ଅନିଲଙ୍କୁ ପ୍ରସ୍ତାବ ଦେଇଥିଲେ। ଗତ ୮ ଦିନ ପୂର୍ବେ ଅନିଲ ଗାଁକୁ ଆସିବା ପରେ କାଜଲଙ୍କ ସହମତି ନେଇ ବିବାହ ନିମନ୍ତେ ରାଜି ହୋଇଥିଲେ। ପୁଅ ରାଜି ହେବା ପରେ ବାପା ପୁରୁଷୋତ୍ତମ ଗାଁର ଭଦ୍ର ବ୍ୟକ୍ତିଙ୍କ ସହ ଆଲୋଚନା କରି ଜଗନ୍ନାଥ ମନ୍ଦିରରେ ବନ୍ଧୁବାନ୍ଧବ, ଗ୍ରାମବାସୀଙ୍କ ଉପସ୍ଥିତିରେ ବିବାହ କରାଇଥିଲେ। କାଜଲ ଅନିଲଙ୍କୁ ବିବାହ କରି ଖୁସିଥିବା କହିଛନ୍ତି। ସେହିପରି ଅନିଲ କହିଛନ୍ତି, ସେ ୩ ଛୁଆଙ୍କ ମୁହଁ ଚାହିଁ ଏହି ବିବାହ କରିଛନ୍ତି। ଗୋଟିଏ ପଟେ ଭାଉଜଙ୍କୁ ସାହାରା ହେବା ଓ ଛୁଆଙ୍କ ଭବିଷ୍ୟତକୁ ଲକ୍ଷ୍ୟ କରି ସେ ଏହି ନିଷ୍ପତ୍ତି ନେଇଛନ୍ତି।

### ଭାଜପାର ଗାଁକୁ ଚାଲ ଅଭିଯାନ: କେରେଡାଗଡ଼ରେ ସମାବେଶ

ରାଜନଗର, ୧୭।୧(ଡି.ଏନ.ଏ.) : ରାଜନଗର ବ୍ଲକ କେରେଡାଗଡଠାରେ ମଙ୍ଗଳବାର ଭାଜପା ପକ୍ଷରୁ ସମାବେଶ କରାଯାଇଛି। ଜୋନସ୍ତରୀୟ ସମାବେଶ କରାଯାଇ ବିଭିନ୍ନ ସମସ୍ୟାର ସାମାଧାନ ନ ହେଲେ ଆନ୍ଦୋଳନ ଗାଁ, ବସ୍ତି ପରେ ବ୍ଲକକୁ ଆସିବ ବୋଲି ଦଳର ନେତାମାନେ ଚେତାବନୀ ଦେଇଛନ୍ତି। ବାଲିସାହିପଟଣାର ସରପଞ୍ଚ ତଥା ଭାଜପା ନେତା କୈଳାସ ଚନ୍ଦ୍ର ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମାବେଶରେ ଭାଜପା ନେତା ଭୁବନ ମୋହନ ଜେନା ଯୋଗଦେଇଥିଲେ। ସେ କହିଥିଲେ, ରାଜନଗର ମାଟି ବିଜେଡି ଶାସନରେ ସବୁଠୁ ଅଧିକ ଅବହେଳିତ ହୋଇଛି। ଲୋକମାନଙ୍କ ମୁଣ୍ଡ ଉପରର ଛାତ ଚୋରି, କଣ୍ଟ୍ରୋଲ ସାମଗ୍ରୀ ହେରାଫେରି, ମା'ଭଉଣୀଙ୍କ ଉପରେ ଅତ୍ୟାଚାର, ରାସ୍ତା ଘାଟ ନିର୍ମାଣ ନାଁରେ ଲୁଟପାଟ ଚାଲିଛି। ଏଥିରେ ଭାଜପା ନେତା ଅଲେଖ କୁମାର ଜେନା ଯୋଗଦେଇ ପ୍ରତ୍ୟେକ ପଞ୍ଚାୟତରେ ବୈଠକ ସହ ଗାଁକୁ ଚାଲ ଅଭିଯାନ ଆରମ୍ଭ ହୋଇଛି। ଡାମରପୁରରୁ ଆରମ୍ଭ ହୋଇଥିବା ଏହି ଅଭିଯାନ କଣ୍ଟାବଣ ଦେଇ କେରେଡାଗଡରେ ପହଞ୍ଚିଛି। ଏଥିରେ ପୂର୍ବତନ ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ, ମଣ୍ଡିଚାଲ ଅଭିଯାନର ଆବାହକ ପବିତ୍ର ପରିଡା, କୋଇଲିପୁର ସରପଞ୍ଚ ଦିଲୀପ କୁମାର ରାଉତ ପ୍ରମୁଖ ଯୋଗ ଦେଇଥିଲେ।

## ଆବାସ ତାଲିକା ପ୍ରକାଶ: କେତୁଆପାଳରେ ଅସନ୍ତୋଷ

**ଆଳି,୧୭।୧(ଡି.ଏନ.ଏ.)**



କେତୁଆପାଳ ପଞ୍ଚାୟତ ସମ୍ମୁଖରେ ତାଲିକାରୁ ବାଦ ପଡିଥିବା ହିତାଧିକାରୀଙ୍କ ଧାରଣା।

ଦୀର୍ଘଦିନ ହେବ ଆବାସ ଯୋଜନାରେ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଣ ବନ୍ଦ ରହିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଚେଷ୍ଟାରେ ରାଜ୍ୟରେ ଚଳିତ ବର୍ଷ ଆବାସ ଗୃହ ବଣ୍ଟନ ନିମନ୍ତେ ବ୍ୟବସ୍ଥା କରାଯାଇଛି। ବ୍ଲକକୁ ଆସିଥିବା ହିତାଧିକାରୀଙ୍କ ତଥ୍ୟ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ ମରାଯିବାର ବ୍ୟବସ୍ଥା ହୋଇଛି। ଯେଉଁ ପଞ୍ଚାୟତରେ ହିତାଧିକାରୀଙ୍କ ତାଲିକା ମରାଯାଇଛି। ସେଠାରେ ତାଲିକା ଦେଖି ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ହିତାଧିକାରୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଳି ବ୍ଲକ କେତୁଆପାଳ ପଞ୍ଚାୟତରେ ମଙ୍ଗଳବାର ୧୫୧ ଜଣ ହିତାଧିକାରୀ ଜଣଙ୍କ ନାମ ତାଲିକା ପ୍ରକାଶ ପାଇଛି। ହେଲେ ତାଲିକାରୁ ବଞ୍ଚିତ ହିତାଧିକାରୀମାନେ ପୂର୍ବତନ ସରପଞ୍ଚ ପ୍ରତିନିଧି ସରୋଜ ଜେନାଙ୍କ ନେତୃତ୍ୱରେ ସନ୍ଧ୍ୟାରେ ଧାରଣାରେ ବସିଛନ୍ତି। ପଞ୍ଚାୟତ ପକ୍ଷରୁ ତଦନ୍ତ କରାଯାଇ ତାଲିକା ହୋଇଥିଲା। ଏବେ କିନ୍ତୁ ଯେଉଁ ତାଲିକା ପ୍ରକାଶ ପାଇଛି ସେଥିରେ ଥିଲା ବାଲା ଲୋକଙ୍କ ନାମ ଥିବା ବେଳେ ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇଛି। ଯାହାକୁ ନେଇ କେତୁଆପାଳରେ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ଆଳି ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ଯୋଗାଯୋଗ କରାଯାଇଥିବା ବେଳେ ତାହା ସମ୍ଭବ ହୋଇନି।

## ପାଣିକୋଇଲିକୁ ହରାଇ ଜଗତ୍‌ସିଂହପୁର ବିଜୟୀ

### ମଦନପୁର ମହାବୀର ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ

**ରାଜନଗର,୧୭।୧(ଡି.ଏନ.ଏ.)**

ସ୍ଥାନୀୟ ମଦନପୁର ଯଜ୍ଞ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ମଦନପୁର ମହାବୀର ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟରରେ ବ୍ରିଲିଆଣ୍ଟ କ୍ରିକେଟ କ୍ଲବ ପାଣିକୋଇଲିକୁ ହରାଇ ହିନ୍ଦୁସ୍ଥାନ କ୍ରିକେଟ୍ କ୍ଲବ ଜଗତ୍‌ସିଂହପୁର ୩ୟ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଜଗତ୍‌ସିଂହପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୨୦୭ ରନ କରିଥିଲା। ଜବାବରେ ପାଣିକୋଇଲି ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ କରି ପରାଜିତ ହୋଇଥିଲା। ପବିତ୍ର ବିଶୋଇଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। କେଶବ ଚନ୍ଦ୍ର ପଣ୍ଡା, ବିଷ୍ଣୁ ଚରଣ ଦାଶ ଅତିଥି ଭାବେ ଯୋଗଦେଇ ଥିଲେ। ନିରଞ୍ଜନ ଦାସ, ଅଞ୍ଜନ ବେହୁରା ଅମ୍ପାୟାର ଭୂମିକା ତୁଲାଇ ଥିବା ବେଳେ ମହାବୀର ୟୁଥ୍ କ୍ଲବର ସଭାପତି ଆଶିଷ ରାଉଳ, ଉପସଭାପତି ଶଶଧର ପ୍ରଧାନ ଏବଂ ସଚ୍ଚିଦାନନ୍ଦ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## କୋ ଅପରେଟିଭ ସୋସାଇଟିର ସ୍ୱନକ୍ଷତ୍ର ଦିବସ




ସଭାପତି ପ୍ରମୋଦଙ୍କୁ କର୍ମଚାରୀମନେ ସମ୍ବର୍ଦ୍ଧନା ଦେଉଛନ୍ତି।

**କେନ୍ଦ୍ରାପଡ଼ା ଅଫିସ, ୧୭।୧**

କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ ସୋସାଇଟିର ୨୩ତମ ସ୍ୱନକ୍ଷତ୍ର ଦିବସ ସହରର ବଣିଆମାଳସ୍ଥିତ ମୁଖ୍ୟ ଶାଖାରେ ମଙ୍ଗଳବାର ପାଳିତ ହୋଇଯାଇଛି। ସୋସାଇଟି ସଭାପତି ପ୍ରମୋଦ କୁମାର ସାହୁ ସୋସାଇଟିର ନିର୍ଦ୍ଦେଶନା ମଣ୍ଡଳୀ, ଜମାକାରୀ, ଅଂଶୀଦାର ସଭ୍ୟାସଭ୍ୟ ଓ ଏଜେଣ୍ଟଙ୍କୁ ଅଭିନନ୍ଦନ ଜଣାଇବା ସହ ମିଳିତ ଉଦ୍ୟମରେ ଅନୁଷ୍ଠାନ ଅଧିକ ଉନ୍ନତି କରିବ ବୋଲି କହିଛନ୍ତି। ଏହି ସୋସାଇଟି ଏବେ ୨୦୦ କୋଟିରୁ ଊର୍ଦ୍ଧ୍ୱ ଜମାପୁଞ୍ଜି ରହିଥିବା ବେଳେ ଆଗାମୀ ୧୦ ବର୍ଷ ମଧ୍ୟରେ ହଜାରେ କୋଟି ପୁଞ୍ଜି ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏହି ଅବସରରେ ସମ୍ପାଦକ ପ୍ରହ୍ଲାଦ ସାହୁ, ସହସମ୍ପାଦକ ଅରବିନ୍ଦ ସାହୁ, ମୁଖ୍ୟ ପରିଚାଳକ ମନୋଜ କୁମାର ସାହୁ, ବରିଷ୍ଠ ଶାଖା ପରିଚାଳକ ରମେଶ ଚନ୍ଦ୍ର ସେଠୀ, ପଙ୍କଜ କୁମାର ମଲ୍ଲିକ, ଶାଖା ପରିଚାଳିକା ସନ୍ତୋଷୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ୨୦ ବସ୍ତା ତମ୍ବା ତାର ଜବତ, ୨ ଗିରଫ

**ମାର୍ଶାଘାଇ, ୧୭।୧(ଡି.ଏନ.ଏ.)**

ମାର୍ଶାଘାଇ ଥାନା ସିଳିପୁର ଛକରୁ ଏକ ଯାତ୍ରୀବାହୀ ବସ୍‌ରୁ ୨୦ କିଗ୍ରା ଚୋରା ତମ୍ବା ତାରକୁ ପୋଲିସ ଜବତ କରିଛି। ପାରାଦୀପରୁ କୋଲକାତା ଯାଉଥିବା ଯାତ୍ରୀବାହୀ ବସ୍ ଯୋଗେ ତମ୍ବା ତାର ଚାଲାଣ ହେଉଥିଲା। ଖବରପାଇ ପୋଲିସ ବସ୍‌ଟିକୁ ସିଳିପୁର ଛକରେ ଅଟକାଇ ୨୦ ବସ୍ତା ତମ୍ବା ତାର ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଥିଲା। ମଙ୍ଗଳବାର ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବସ୍‌ର କଣ୍ଡକ୍ଟର ଭଦ୍ରକ ଜିଲା ତିହିଡି ଥାନା ଦୁମୁକା ଗାଁର ନୀରଞ୍ଜନ ଖଟୁଆ ଓ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅରିକମା ଗାଁର ବିରଞ୍ଚି ନାରାୟଣ ସାହୁ। ଏ ନେଇ ଥାନାରେ ନଂ. ୩୧/୨୨ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି।

## ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ

**ପାରାଦୀପ,୧୭।୧(ସ୍ୱ.ପ୍ର.):**

ପାରାଦୀପ ଇଫ୍‌କୋ କମ୍ପାନୀ ପରିସରରେ ମଙ୍ଗଳବାର ସଡ଼କ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ବୁଲିଥିବା ସଚେତନତା ରଥକୁ କମ୍ପାନୀ ନିର୍ଦ୍ଦେଶକ କେ. ଜେ. ପଟେଲ ସମାପନ ଘୋଷଣା କରିଥିଲେ। ଏହି ରଥ କଟକ, ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲାରେ ବୁଲି ସଚେତନତା କରୁଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଅଧିକାରୀ ଆର. କେ. ପାଣ୍ଡେ, ପ୍ରସନ୍ନ କୁମାର ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

## ମୁନ୍ ଇଲେଭେନ ଚାମ୍ପିୟନ

### ରାଜକିଶୋର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

**ମାର୍ଶାଘାଇ, ୧୭।୧(ଡି.ଏନ.ଏ.)**

ମାର୍ଶାଘାଇ ଥାନା ଅନ୍ତର୍ଗତ ଧନିଆପଡାଠାରେ ବଜ୍ର ମହାକାଳୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ଦ୍ୱାଦଶ ରାଜକିଶୋର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ମୁନ ଇଲେଭେନ ଜଗତ୍‌ସିଂହପୁର ସ୍ମାଇଲି ଇଲେଭେନ ରାହାମାକୁ ହରାଇ ଚାମ୍ପିୟନ ହୋଇଛି। ପ୍ରଥମେ ଟସ ଜିଣି ମୁନ ଇଲେଭେନ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଟି ଉଇକେଟ ହରାଇ ୧୬୩ରନ କରିଥିଲା। ଜବାବରେ ସ୍ମାଇଲ ଇଲେଭେନ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୧ରନ ସଂଗ୍ରହ କରିଥିଲା। ଫଳରେ ମୁନ ଇଲେଭେନକୁ ବିଜୟୀ ଘୋଷଣା କରାଯାଇଥିଲା। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତିର ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ଯୁବ ନେତା ଧର୍ମପଦ ଦାସ, ବିଶିଷ୍ଟ ପରିବେଶବିତ ଅୟସ୍କାନ୍ତ ରାୟ, ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ଦାସ ଓ ସମିତିସଭ୍ୟ ସୋନାଲି ମଲ୍ଲିକ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୩୦,୩୦୦ ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ନଗଦ ୨୨,୨୨୨ ଟଙ୍କା ପ୍ରଦାନ କରିଥିଲେ। କ୍ରିକେଟ୍ କ୍ଲବ ପକ୍ଷରୁ ସାଜନ ବେହେରା, ସଞ୍ଜୟ ବେହେରା, ତପନ ସ୍ୱାଇଁ, ନିହାର ରଞ୍ଜନ ସ୍ୱାଇଁ, ଶାରଦା ମହାନ୍ତି, ପ୍ରଭୁ ପଦାରବିନ୍ଦ ସାଇଁ, ଅଜୟ ବେହେରା, ବିଜୟ ବେହେରା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।




ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ସହ ପୁରସ୍କୃତ କରୁଛନ୍ତି।

## ଶିଶୁଙ୍କୁ ଅଣ୍ଡା ବଦଳରେ ବଣଭୋଜି ବାସି ତରକାରି

- ହରିଆବାଙ୍କ ଅଙ୍ଗନୱାଡି କେନ୍ଦ୍ର
- ଅଭିଭାବକ, ଶିଶୁମାନେ ଅଭିଯୋଗ କଲେ



ଅଭିଭାବକ ମହଲରେ ଅସନ୍ତୋଷ।



ହରିଆବାଙ୍କ ଅଙ୍ଗନୱାଡ଼ି କେନ୍ଦ୍ରରେ ଅଣ୍ଡା ତରକାରି ବଦଳରେ ପରଷା ଯାଇଛି ବାସି ତରକାରି।

**ମହାକାଳପଡ଼ା,୧୭।୧(ଡି.ଏନ.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳ ଶିଶୁଙ୍କ କୁପୋଷଣ, ମୃତ୍ୟୁହାର ହ୍ରାସ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ଗର୍ଭସ୍ଥ ଶିଶୁର ବିକାଶ ପାଇଁ ପୁଷ୍ଟିକର ଭିଟାମିନ୍ ଖାଦ୍ୟ ଯୋଗାଇ ଦେଉଛନ୍ତି। ତେବେ କୋମଳମତି ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଅଣ୍ଡା ଦେବା ବଦଳରେ ବଣଭୋଜି ବାସିତରକାରି ମଙ୍ଗଳବାର ଦିଆଯାଇଛି। ଏଭଳି ଅଭିଯୋଗ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଖରିନାସୀ ପଞ୍ଚାୟତ ହରିଆବାଙ୍କ ଅଙ୍ଗନୱାଡ଼ି କେନ୍ଦ୍ରର ଶିଶୁ ଓ ଅଭିଭାବକମାନେ ଆଣିଛନ୍ତି। ଏଠାରେ ଶିଶୁମାନେ ନିକଟସ୍ଥ ଏକ କ୍ଲବ୍ ଘରେ ପାଠ ପଢୁଛନ୍ତି।

ମିଳିଥିବା ସୂଚନା ଅନୁସାରେ, ଏହି ଅଙ୍ଗନୱାଡି କେନ୍ଦ୍ରରେ ୩୦ରୁ ଅଧିକ ଶିଶୁ ପାଠ ପଢୁଛନ୍ତି। ମଙ୍ଗଳବାର ଶିଶୁମାନଙ୍କୁ ଅଣ୍ଡା ତରକାରି ଦେବା ପାଇଁ ନିୟମ ଥିଲା ବେଳେ ଅଙ୍ଗନୱାଡ଼ି କର୍ମୀ ଗିନାବାଳା ସ୍ୱାଇଁ ବଣଭୋଜିରୁ ବଳି ପଡିଥିବା ବାସି ମିକ୍ସର ତରକାରି ଖାଇବାକୁ ଦେଇଛନ୍ତି। ଏହି ବାସି ତରକାରି ଖାଇ କେତେଜଣ ଶିଶୁଙ୍କ ଆମ୍ବିଳା ହାକୁଟି ହେଉଥିବା ଅଭିଭାବକ କଳ୍ପନା ଜେନା, ଲକ୍ଷ୍ମୀ ପାତ୍ର, ରେଣୁବାଳା ଜେନା, ଝିଲି ରାୟ, ଟିକି ମିର୍ଦ୍ଧା, ରାଧା ମଣ୍ଡଳ, ପୂର୍ଣ୍ଣିମା ଜେନା ଓ ସବିତା ଜେନା ଅଭିଯୋଗ କରିଛନ୍ତି। ଅଭିଭାବକ ମିନତି ଜେନା କହିଛନ୍ତି, ଶିଶୁମାନେ ବାସି ତରକାରି ଖାଇବା ଦ୍ୱାରା ଜୀବନ ପ୍ରତି ବିପଦ ଅଛି। ଅଭିଭାବକମାନେ ଶିଶୁମାନଙ୍କ ଭାଗ୍ୟ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀଙ୍କ ହାତରେ ଛାଡିଛନ୍ତି। ସୁଷମ ଖାଦ୍ୟ ବଦଳରେ ବାସି ଆମ୍ବିଳା ତରକାରି ଖାଇବାକୁ ଦିଆଯାଇଥିବାରୁ ଶିଶୁମାନଙ୍କ ଅଭିଭାବକମାନେ ସେମାନଙ୍କୁ ଘରକୁ ନେଇଯାଇଥିଲେ। ଅଭିଭାବକମାନେ ଏ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ସ୍ଥାନୀୟ ୱାର୍ଡସଭ୍ୟ ଅସୀମା ମିର୍ଦ୍ଧାଙ୍କୁ ଜଣାଇଥିଲେ। ତେବେ ସଭ୍ୟା ମିର୍ଦ୍ଧା ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ସ୍ୱାଇଁଙ୍କୁ ପଚାରିବାରୁ ପ୍ରଥମେ ଏହାକୁ ସେ ଅସ୍ୱୀକାର କରିଥିଲେ ମଧ୍ୟ ପରେ ବାସିତରକାରି ଶିଶୁମାନଙ୍କୁ ଖାଇବାକୁ ଦେଇଥିବା ସ୍ୱୀକାର କରିଥିଲେ। ତୃଣମୂଳସ୍ତରରେ ଏହିସବୁ ନିୟମକୁ ଅଣଦେଖା କରାଯାଇଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି ଘଟଣାକୁ ନେଇ ହରିଆବାଙ୍କ ଅଙ୍ଗନୱାଡି କେନ୍ଦ୍ରରେ ପଢୁଥିବା ଶିଶୁମାନଙ୍କ ଅଭିଭାବକମାନେ ପ୍ରତିବାଦ କରିବା ସହ ଫୋନ ଯୋଗେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସିଡିପିଓ କବିତା ମଲ୍ଲିକଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ମିଳିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ଧାନକିଣାରେ ସାମିଲ ହେବେ ସମ୍ବଲପୁର ମିଲର

### ୨୦ରୁ ୧୭ ମିଲର ଦେଲେଣି ବ୍ୟାଙ୍କ ଗ୍ୟାରେଣ୍ଟି

**ନୟାଗଡ଼ ଅଫିସ,୧୭।୧:** ନୟାଗଡ଼ ଜିଲାର ଧାନକିଣାରେ ସମ୍ବଲପୁର ମିଲରଙ୍କୁ ସାମିଲ କରିବାକୁ ପ୍ରଶାସନିକସ୍ତରରେ ପଦକ୍ଷେପ ଆରମ୍ଭ ହୋଇଛି । ରାଜ୍ୟ ସରକାର ସମ୍ବଲପୁର ଜିଲାର ମିଲରଙ୍କୁ ଧାନ କିଣାରେ ନିୟୋଜିତ କରିବାକୁ ନିର୍ଦ୍ଦେଶ ଦେବା ପରେ ମଙ୍ଗଳବାର ୬, ସୋମବାର ୭ଜଣ ଓ ଗତ ଶନିବାର ୪ଜଣ ଏପରି ୧୭ ସମ୍ବଲପୁର ମିଲର ନୟାଗଡ଼ ଆସି ବ୍ୟାଙ୍କ ଗ୍ୟାରେଣ୍ଟି କାଗଜାତ ଜିଲା ଯୋଗାଣ ବିଭାଗରେ ଦାଖଲ କରିଛନ୍ତି । ବୁଧବାର ପୁଣି ୩ ମିଲର ଧାନକିଣାରେ ସାମିଲ ହେବା ପାଇଁ କାଗଜାତ ଦାଖଲ କରିବାର ଅଛି । ୧୭ ମିଲରଙ୍କ ଠାରୁ ୧୪ କୋଟି ୬୩ ଲକ୍ଷ ଟଙ୍କା ବ୍ୟାଙ୍କ ଗ୍ୟାରେଣ୍ଟି ଜିଲା ଯୋଗାଣ କାର୍ଯ୍ୟାଳୟ ରଖିଛି । ନୟାଗଡରେ ଧାନ କିଣା ତ୍ୱରାନ୍ୱିତ ହୋଇଥିବାର ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ହେଁ ଏଯାବତ ଚାଷୀ ଅସନ୍ତୁଷ୍ଟରେ ଅଛନ୍ତି । ନୟାଗଡ଼ର ମିଲର କଟ୍‌ନୀଛଟନୀକୁ ପ୍ରାଧାନ୍ୟ ଦେଇ ୮ରୁ ୧୦ କେଜି କାଟୁଥିବା ଅଭିଯୋଗ ରହିଛି । ସମ୍ବଲପୁର ମିଲରଙ୍କ କାର୍ଯ୍ୟକୁ ଅନୁଧାନ ପରେ ଚାଷୀ ପରବର୍ତ୍ତୀ ପଦକ୍ଷେପ ନେବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି ।

## ଭଞ୍ଜନଗର ଟିମ୍ ବିଜୟୀ

### ଦଶପଲ୍ଲା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

**ଦଶପଲ୍ଲା,୧୭।୧(ଡି.ଏନ.ଏ.):** ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ମ୍ୟାଚ୍‌ରେ ଭୁବନେଶ୍ୱରକୁ ୨-୦ ଗୋଲରେ ହରାଇ ଭଞ୍ଜନଗର ଟିମ୍ ବିଜୟୀ ହୋଇଛି । ଖେଳ ଆରମ୍ଭରୁ ଭୁବନେଶ୍ୱର ଟିମ୍ ଭଲ ଖେଳୁଥିଲେ ମଧ ପ୍ରଥମାର୍ଦ୍ଧରେ ଭଞ୍ଜନଗର ଦଳ ଗୋଟିଏ ଗୋଲ ଦେଇଥିଲା । ଭୁବନେଶ୍ୱର ଟିମ୍ ସେହି ଗୋଲକୁ ପରିଶୋଧ କରି ନ ପାରିବାରୁ ଦଳର ଫରୱାର୍ଡ ଖେଳାଳୀଙ୍କ ଖେଳ ଫିକା ପଡି ଯାଇଥିଲା । ଦ୍ୱିତୀୟାର୍ଦ୍ଧରେ ଗୋଲ ଦେବାର ବହୁ ସୁଯୋଗ ହାତଛଡା କରି ଭୁବନେଶ୍ୱର ଦଳ ଥକି ପଡିଥିବା ବେଳେ ଭଞ୍ଜନଗର ଦଳ ପୁଣି ଏକ ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ କରିଥିଲା । ଶେଷରେ ଭଞ୍ଜନଗର ବିଜୟୀ ଘୋଷିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପେଟ୍ରୋଲ ପମ୍ପ ମାଲିକ ବିଜୟ କୁମାର ଅଗ୍ରୱାଲ, ସାମାଜିକ କର୍ମୀ ସନ୍ତୋଷ କୁମାର ସାହୁ,ବୈକୁଣ୍ଠ ନାଥ ପରିଡା, ଜ୍ଞାନ ରଞ୍ଜନ ମିଶ୍ର, ଅନିଲ କୁମାର ରାୟ ,ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ । ରେଫରୀ ସ୍ୱପ୍ନେଶ୍ୱର ବାବୁ ଖେଳ ପରିଚାଳନା କରିଥିଲେ ।

## ଅବସରପ୍ରାପ୍ତ ବରିଷ୍ଠ କିରାଣିଙ୍କ ପରଲୋକ

**ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.)**-ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ବ୍ରାହ୍ମଣ ସାହିର ହରିହର ମିଶ୍ର(୭୩)ଙ୍କ ପରଲୋକ ହୋଇଯାଇଛି । ସ୍ୱର୍ଗତ ମିଶ୍ର ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି ବରିଷ୍ଠ କିରାଣୀ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ସେ ବହୁଦିନ ଧରି ଅସୁସ୍ଥ ଥିଲେ । ସୋମବାର ତାଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପରଲୋକ ଘଟିଛି । ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି । ତାଙ୍କର ଏକମାତ୍ର ପୁଅ ଗିରିଜା ମିଶ୍ର ମୁଖାଗ୍ନି ଦେଇଥିଲେ ।

# ଗାଁକୁ ଫେରିବେ ୨୧ ଅସବର୍ଣ୍ଣ ପରିବାର

**ନୟାଗଡ଼ ଅଫିସ,୧୭।୧**



ଶାନ୍ତି କମିଟି ବୈଠକରେ ଜିଲାପାଳ ଓ ଅନ୍ୟମାନେ ।

**କୋଠ ସମ୍ପତ୍ତିକୁ ନେଇ ଜାକେଡା ବିବାଦ ଘଟଣା**

- ଜିଲାପାଳଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟିର ନିଷ୍ପତ୍ତି
- ୨୦ମାସ ହେଲା ଅସବର୍ଣ୍ଣମାନେ ପାଉ ନ ଥିଲେ ନ୍ୟାୟ

ନୟାଗଡ଼ ଜିଲା ଶରଣକୁଳ ଥାନା ଗୋଡିପଡ଼ା ଫାଣ୍ଡି ଜାକେଡ଼ା ଗ୍ରାମରେ ସବର୍ଣ୍ଣ ଓ ଅସବର୍ଣ୍ଣଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର ସମାଧାନ ପାଇଁ ଜିଲା ପ୍ରଶାସନ ପୁଣି ତତ୍ପରତା ପ୍ରକାଶ କରିଛି । ଏନେଇ ଜିଲାପାଳ ରବୀନ୍ଦ୍ର ନାଥ ସାହୁଙ୍କ ଅଧ୍ୟକ୍ଷତାରେ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ମଙ୍ଗଳବାର ଶାନ୍ତି କମିଟି ବୈଠକ ଆହୁତ ହୋଇଥିଲା । ଏଥିରେ ଜାକେଡା ଗାଁର ସବର୍ଣ୍ଣ ଓ ଅସବର୍ଣ୍ଣ ପରିବାରର ପ୍ରତିନିଧି, ଗାଁ ସଭାପତି, ବୁଦ୍ଧିଜିବୀ, ଭଦ୍ରଲୋକ ଯୋଗ ଦେଇଥିଲେ । ବୁଝାମଣା ମାଧ୍ୟମରେ ଉଭୟ ପକ୍ଷ ଜାକେଡ଼ା ଗ୍ରାମରେ ସହାବସ୍ଥାନ ନିମନ୍ତେ ସମ୍ମତି ପ୍ରକାଶ କରିଛନ୍ତି । ୨୭ରେ ଅସବର୍ଣ୍ଣମାନେ ଗାଁକୁ ଫେରିବେ । ଜିଲା ପ୍ରଶାସନ ପକ୍ଷରୁ ସବୁ ପ୍ରକାର ସହଯୋଗ କରିବା ପାଇଁ ଜିଲାପାଳ ପ୍ରକାଶ କରିଛନ୍ତି । ଅସବର୍ଣ୍ଣଙ୍କ ଘର ମରାମତି ପରେ ସେମାନେ ଘରକୁ ଯିବା ପାଇଁ ନିଷ୍ପତ୍ତି ହୋଇଛି । ବୈଠକରେ ଆରକ୍ଷୀ ଅଧୀକ୍ଷକ ଅଲେଖ ଚନ୍ଦ୍ର ପହି,ଉପ ଜିଲାପାଳ ଶକ୍ତିକାନ୍ତ ରାୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଉମାକାନ୍ତ ମଲ୍ଲିକ, ଶରଣକୁଳ ଏସ୍‌ଡିପିଓ କିରଣ ହେମ୍ବ୍ରମ୍, ଶରଣକୁଳ ଥାନା ଆଇଆଇସି ଜୟଦୀପ ମହାନ୍ତି, ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶାନ୍ତି କମିଟି ପକ୍ଷରୁ ବିଶ୍ୱନାଥ ମହାପାତ୍ର, ମଧୁସୂଦନ ପଟ୍ଟନାୟକ, ଅସବର୍ଣ୍ଣଙ୍କ ସପକ୍ଷରେ ରାଜ୍ୟସ୍ତରୀୟ ନେତା ଯୋଗ ଦେଇଥିଲେ ।

ଅଭିଯୋଗ ଅନୁଯାୟୀ, ଜାକେଡାରେ ୧୦୧ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମିରେ ଶାଳ, ଶାଗୁଆନ, ପିଆଶାଳ, ଆମ୍ବ, ଆଶାଶିଆ, ଲଙ୍କାଆମ୍ବ, ଆକାଶିଆ ପରି ଗଛ ଅଛି । ଏହାକୁ ସ୍ଥାନୀୟ ସବର୍ଣ୍ଣ ଓ ଅସବର୍ଣ୍ଣ ଲୋକ ମିଳିତ ଭାବେ ପାଳି ପହରା କରି ସୁରକ୍ଷା ଦେଉଛନ୍ତି । ତେବେ ଗାଁ ସମ୍ପତ୍ତିରେ ସବର୍ଣ୍ଣମାନେ ଅସବର୍ଣ୍ଣଙ୍କୁ ଅଣଦେଖା କରିଥିଲେ । ଗାଁ କୋଠର ସରକାରୀ ଜମିରୁ ଗଛ କାଟି ବିକ୍ରି କରି ସେମାନଙ୍କ ଭାଗ ଅସବର୍ଣ୍ଣଙ୍କୁ ଦେଇ ନ ଥିଲେ । ପୁଣି ଆମ୍ବ, କାଜୁ ନିଲାମ ଦେଇ ସେହି ଅର୍ଥ ଆତ୍ମସାତ କରୁଥିଲେ ବୋଲି ଅଭିଯୋଗ ହୋଇ ଆସୁଥିଲା । ଅସବର୍ଣ୍ଣ ପରିବାର ଏହାର ପ୍ରତିବାଦ କରିବାରୁ ସବର୍ଣ୍ଣମାନେ ଗାଁରେ ବୋମା ପକାଇ ଭୟର ବାତାବରଣ ସୃଷ୍ଟି କରୁଛନ୍ତି ବୋଲି ଅନୁରୂପ ଅଭିଯୋଗ ହୋଇଥଲା । ଏହି ଘଟଣାରେ ୨୦୨୧ ଏପ୍ରିଲ ୨୩ ରାତିରେ ଗ୍ରାମରକ୍ଷୀ ବୁଦ୍ଧିବାମନ ନାୟକ ଓରଫ ବିଚି (୪୭) ଓ ମଣିଆ ନାୟକ(୨୮)କୁ ସବର୍ଣ୍ଣମାନେ ମାରଣାସ୍ତ୍ର ଦେଖାଇ ଅପହରଣ କରି ନେଇଥିଲେ । ଏହି ଘଟଣାକୁ ନେଇ ଜାକେଡା ଅଶାନ୍ତ ହୋଇ ପଡିଥିଲା । ପରେ ପୋଲିସ ଓ ଜିଲା ପ୍ରଶାସନର ଚାପରେ ସବର୍ଣ୍ଣମାନେ ଦୁଇ ଅପହରଣକାରୀଙ୍କୁ ୨୪ ଘଣ୍ଟା ପରେ ଛାଡିଥିଲେ । ସେହିଦିନଠାରୁ ଏହି ବିବାଦର ସମାଧାନ ହୋଇ ପାରୁ ନାହିଁ । ପୋଲିସ କେବଳ ଅସବର୍ଣ୍ଣଙ୍କ ଅଭିଯୋଗକୁ ନେଇ ମାମଲା ରୁଜୁ କରି ଚୁପ ହୋଇ ବସି ରହିଥିଲା । ଅନ୍ୟପକ୍ଷେ ମୋକଦ୍ଦମା ପରେ ଅସବର୍ଣ୍ଣମାନଙ୍କ ଘରର କବାଟ ଭାଙ୍ଗି ଘରୁ ଲୁଟ୍ କରାଯାଇଥିଲା । ଗାଁରୁ ସେମାନଙ୍କୁ ତଡି ଦିଆଯାଇଥିଲା । ଗାଁରୁରୁ ତଡା ଖାଇ ୭ମାସ ହେଲା ଯାଯାବର ଜୀବନଯାପନ କରିଥିଲେ ଅସବର୍ଣ୍ଣ । ଘଟଣା ସମ୍ପର୍କରେ ଏସ୍‌ପିଙ୍କୁ ଫେରାଦ୍ ହୋଇଥିଲେ ମଧ ସୁଫଳ ମିଳି ନ ଥିଲା । ଗାଁରୁ ବିତାଡିତ ୨୧ ଅସବର୍ଣ୍ଣ ପରିବାର ନ୍ୟାୟ ପାଇଁ ଭୁବନେଶ୍ୱରରେ ୨୦୨୧ ଡିସେମ୍ବର ୨୪ରୁ ୩ ଦିନ ଧାରଣା ଦେଇଥିଲେ । ପରେ ନୟାଗଡ଼ ଜିଲା ପ୍ରଶାସନର ନିଦ ଭାଙ୍ଗିଥିଲା । ଉପଜିଲାପାଳ ଧାରଣାରତ ୨୧ ପରିବାରର ୮୩ ଲୋକଙ୍କୁ ଭୁବନେଶ୍ୱରରୁ ଆଣି ଶରଣକୁଳ ଥାନା ପୋଲିସ ଜିମା ଦେଇ ସୁରକ୍ଷା ଦେଇଥିଲେ । ଏହା ପରେ ଗାଁରେ ଶାନ୍ତି ପ୍ରତିଷ୍ଠା କରାଯାଇ ଅସବର୍ଣ୍ଣ ଲୋକଙ୍କୁ ଗାଁକୁ ଫେରାଇବାକୁ ପ୍ରଚେଷ୍ଟା ଆରମ୍ଭ ହୋଇଥିଲା । ଇତିମଧ୍ୟରେ ବିଭିନ୍ନ ସମୟରେ ଶାନ୍ତି କମିଟି ବୈଠକ ବସି ସମାଧାନର ସୂତ୍ର ବାହାରିଛି । ମଙ୍ଗଳବାର ବୈଠକରେ ଗାଁ ସଭାପତି ଅସବର୍ଣ୍ଣମାନଙ୍କୁ ଗାଁକୁ ଫେରିବାକୁ ଅନୁରୋଧ କରିଥିଲେ । ଏଣୁ ଗାଁକୁ ଅସବର୍ଣ୍ଣମାନେ ଫେରିବାର ବାଟ ଖୋଲିଛି । ଏନେଇ ନୟାଗଡ଼ ଜିଲାପାଳ ସାହୁ କୁହନ୍ତି, ଜାକେଡା ବିବାଦର ସମାଧାନ ପାଇଁ ଉଭୟ ପକ୍ଷ ସହମତି ପ୍ରକାଶ କରିଛନ୍ତି । ପ୍ରଶାସନ ପକ୍ଷରୁ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି । ଚଳିତ ମାସ ୨୭ ତାରିଖରେ ଅସବର୍ଣ୍ଣମାନେ ଗାଁକୁ ଫେରିବେ ।

## ଯୁବ,ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥି ।

**ନୟାଗଡ଼ ଅଫିସ,୧୭।୧**

ଗତ ଶନିବାର ନୟାଗଡ଼ ବ୍ଲକର କେନ୍ଦୁଡ଼ିପିସ୍ଥିତ ଶୁକ୍ର ବେହେରା ସ୍ନାତକ ମହାବିଦ୍ୟାଳୟ ପରିସରରେ ଯୁକ୍ତ ୨ ଓ ୩ ମହାବିଦ୍ୟାଳୟର ଯୁବ ରେଡକ୍ରସର ସ୍ୱେଚ୍ଛାସେବୀମାନଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା। ଏହି ଶିବିର ସୋମବାର ଉଦ୍‌ଯାପିତ ହୋଇଛି । ଏଥିରେ ନୟାଗଡ଼ ଜିଲାର ବିଭିନ୍ନ କଲେଜର ସ୍ୱେଚ୍ଛାସେବୀମାନେ ଭାଗ ନେଇଥିଲେ । ଏଥିରେ ଶିକ୍ଷାବିତ୍ ଚିଦାମ୍ବିକା ଖଟୁଆ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ । ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଅଭିମନ୍ୟୁ ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ମହେନ୍ଦ୍ର କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ଜିଲାର ବିଭିନ୍ନ କଲେଜର ୧୫୫ ଶିବିରାର୍ଥୀ ଓ ୩୧ ଜଣ କାଉନସିଲର ଅଧ୍ୟାପିକା,ଅଧ୍ୟାପକ ଉପସ୍ଥିତ ଥିଲେ । ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଆଦିତ୍ୟ କୁମାର ମିଶ୍ର, ନୟାଗଡ଼ ଜିଲା ଯୁବ ରେଡକ୍ରସର କନ୍‌ଭେନର ଅଧ୍ୟାପକ ସହଦେବ ବେହେରା ସହଯୋଗ କରିଥିଲେ ।

## ସରପଞ୍ଚଙ୍କ ମିଥ୍ୟା ସତ୍ୟପାଠ ନେଇ ଫେରାଦ୍

**ନୟାଗଡ଼ ଅଫିସ,୧୭।୧**

ନୟାଗଡ଼ ବ୍ଲକ ବାଲୁଗାଁ ପଞ୍ଚାୟତର ସରପଞ୍ଚ ମନୋଜ କୁମାର ନାୟକ ୨୦୨୨ ପଞ୍ଚାୟତ ନିର୍ବାଚନରେ ମିଥ୍ୟା ସତ୍ୟପାଠ ଦାଖଲ କରିଥିବା ନୟାଗଡ଼ ସଦର ଥାନାରେ ଅଭିଯୋଗ ହୋଇଛି । ବାଲୁଗାଁର ସଞ୍ଜୟ କୁମାର ନାୟକଙ୍କ ଅଭିଯୋଗ ଅନୁସାରେ ସଞ୍ଜୟ ଓ ମନୋଜ ବାଲୁଗାଁ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ରରେ ଶିକ୍ଷାଗତ ଯୋଗ୍ୟତାରେ ମନୋଜ ଭୁଲ ତଥ୍ୟ ଦେଇଥିବା ଆରଟିଆଇ ତଥ୍ୟରୁ ଜଣାପଡିଛି। ସେହିପରି ସମ୍ପତ୍ତି ତାଲିକାରେ ମଧ ଭୁଲ ତଥ୍ୟ ଦିଆଯାଇଛି। ଏଣୁ ଏହାର ତଦନ୍ତ କରି ତଦନ୍ତ ରିପୋର୍ଟ ଜିଲାପାଳଙ୍କୁ ଦାଖଲ କରିବାକୁ ସଞ୍ଜୟ ନିବଦେନ କରିଛନ୍ତି। ତଦନ୍ତ ରିପୋର୍ଟର ସତ୍ୟାସତ୍ୟ ସରପଞ୍ଚ ପଦବୀକୁ ରଦ୍ଦ କରିବ ବୋଲି ସଞ୍ଜୟ କହିଛନ୍ତି।

## ଆବାସ ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନ

**ନୟାଗଡ଼ ଅଫିସ,୧୭।୧**

- ଅଯୋଗ୍ୟଙ୍କୁ କରାଯାଇଛି ସାମିଲ
- ଯୋଗ୍ୟ ହିତାଧିକାରୀଙ୍କୁ କାଟି ଦିଆଯାଇଛି
- ଯୋଗ୍ୟ ଲୋକ ସାମିଲ ହେବା ପାଇଁ ନାହିଁ ବ୍ୟବସ୍ଥା

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ମଙ୍ଗଳବାର ହିତାଧିକାରୀଙ୍କ ତାଲିକା ପ୍ରକାଶ ପାଇଛି । ଦୀର୍ଘ ୩ ବର୍ଷ ପରେ ପ୍ରକାଶ ପାଇଥିବା ଏହି ତାଲିକାକୁ ଦେଖିଲା ପରେ ନୟାଗଡ଼ ଜିଲାର ଗରିବ ଲୋକମାନେ ପ୍ରତିବାଦ କରି ଆବାସ ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି ବୋଲି କୁହାଯାଉଥିଲେହେଁ ଅଧିକାଂଶ ଅଯୋଗ୍ୟ ହିତାଧିକାରୀ ଏଥିରେ ଅଛନ୍ତି । ଅନେକ ଯୋଗ୍ୟ ହିତାଧିକାରୀ ବାଦ୍ ପଡି ଯାଇଛନ୍ତି । ଯେଉଁମାନେ କି ନିଜ ନାଁକୁ ପୁଣି ଅଭିଯୋଗ ମାଧ୍ୟମରେ ସାମିଲ କରିବାକୁ ଅନୁରୋଧ କରୁଛନ୍ତି । ତେବେ ସେମାନେ ସାମିଲ ହେବା ପାଇଁ ବାଟ ନ ଥିବା ଜଣାପଡିଛି । ପ୍ରଶ୍ନ ଉଠିଛି କାହିଁକି ଅଯୋଗ୍ୟ ହିତାଧିକାରୀ ନୂଆ ତାଲିକାରେ ସ୍ଥାନ ପାଇଲେ । କିଏ ଏମାନଙ୍କୁ ସାମିଲ କରିଛନ୍ତି । ଚା, ଟାଇଲ ଓ ଆଜବେଷ୍ଟସ ଘର ଥିବା ଅଧିକାଂଶ ଲୋକ ବାଦ ପଡିଥିବାବେଳେ ଅନେକ ସ୍ୱଚ୍ଛଳ ବର୍ଗଙ୍କ ନାଁ ରହିଛି । ଯେଉଁମାନଙ୍କୁ କାଟିବା କାଠିକର ପାଠ ହେବ । ଏମାନଙ୍କର ଲବି ଆଗରେ ଗରୀବ ଲୋକ ପାରିବେ ନାହିଁ ବୋଲି କୁହାଯାଉଛି । ଜିଲାର ୮ଟି ବ୍ଲକରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ଅପରପକ୍ଷେ ବାଇକ୍, ସ୍କୁଟି, ଫ୍ରିଜ ଥିଲେ ଆବାସ ଯୋଜନା ମନା । ଏହି ଉପକରଣକୁ କଡାକଡି ପାଳନ କଲେ ୮୦ ପ୍ରତିଶତ ଲୋକ ବାଦ୍ ପଡିଯିବେ ବୋଲି କୁହାଯାଉଛି । ହେଲେ ସରକାରୀ ନିୟମକୁ ସଠିକ୍ ଭାବେ ଲାଗୁ କରାଯାଉ ନ ଥିବାରୁ ଏଭଳି ଅସୁବିଧା ହେଉଛି । ଏନେଇ ନୂଆଗାଁର ତିଲୋତ୍ତମା ପ୍ରଧାନ କୁହନ୍ତି ମୋ ପରି ଅନେକ ଗରୀବ ଲୋକ ବାଦ ପଡିଛନ୍ତି । ତେବେ ବାଦ୍ ପଡିଥିବା ଲୋକ କିପରି ଆବେଦନ କରି ଆବାସ ଯୋଜନା ହାତେଇବେ ସେନେଇ ବ୍ୟବସ୍ଥା ନାହିଁ । ଅଯୋଗ୍ୟ ଲୋକ କିଏ ତାଙ୍କୁ କାଟିବାକୁ ବାରମ୍ବାର କହୁଛନ୍ତି ।

## ନୀଳମାଧବ ଜୀଉଙ୍କ ମାଘମେଳା ପାଇଁ ପ୍ରସ୍ତୁତି

**ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.)**

ଶ୍ରୀ ନୀଳମାଧବ ଜୀଉଙ୍କ ପବିତ୍ର ଭୌମୀ ଏକାଦଶୀ ତଥା ପବିତ୍ର ମାଘମେଳା ଫେବୃୟାରୀ ୧ ମାଘ ଶୁକ୍ଳ ଏକାଦଶୀ ତିଥିରୁ ପାରମ୍ପରିକ ରୀତିରେ ମାଘମେଳା ପଡିଆରେ ଆରମ୍ଭ ହେବ ବୋଲି ପ୍ରଶାସନିକ ନିଷ୍ପତ୍ତି ନିଆଯାଇଛି । ଏଥି ପାଇଁ ଗତ ୧୦ ତାରିଖରେ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଉପ ଜିଲାପାଳ ଶକ୍ତିକାନ୍ତ ରାୟଙ୍କ ଅଧ୍ୟକ୍ଷତାରେ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ଅପରାହ୍ନରେ ୨ୟ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ କଣ୍ଟିଲୋ କଂସା ପିତଳ ବ୍ୟାଖ୍ୟାନ କେନ୍ଦ୍ର ଠାରେ ଖଣ୍ଡପଡା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟ ନିର୍ବାହୀ ଅଧିକାରୀ ପାର୍ଥ ସାରଥୀ ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ।

ଚଳିତ ବର୍ଷ ଏହି ମେଳାରେ ଅଧିକ ଜନଗହଳି ଆଶଙ୍କାକୁ ଦୃଷ୍ଟିରେ ରଖି କିପରି ଶୃଙ୍ଖଳିତ ଭାବେ ମେଳା ସରିବ ସେ ନେଇ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଖଣ୍ଡପଡା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଜିଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା, ବରିଷ୍ଠ ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ, କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ସମିତି ସଭ୍ୟା ପ୍ରତିନିଧି ସରୋଜ କୁମାର ସାହୁ, ଖଣ୍ଡପଡା ଥାନା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ, ଆଇଆଇସି ରମେଶ କୁମାର ଦେବତା, କଣ୍ଟିଲୋ ଫାଣ୍ଡି ଅଧିକାରୀ ରମେଶ ଚନ୍ଦ୍ର ଜେନା ଓ ମାଘମେଳା କମିଟିର ସମସ୍ତ ସଦସ୍ୟଙ୍କ ସମେତ ବିଦ୍ୟୁତ ବିଭାଗ, ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧି ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଏହାଛଡା ମେଳାକୁ ସରସ ସୁନ୍ଦର କରିବା ସହିତ ପରିବେଶର ସୁରକ୍ଷା ଦାୟିତ୍ୱ କଣ୍ଟିଲୋ, ବାଣପୁର ଓ ସିଧାମୂଳା ପଞ୍ଚାୟତ ଉପରେ ନ୍ୟସ୍ତ କରାଯାଇଛି । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ଶେଷରେ ଦେବୋତ୍ତର ମ୍ୟାନେଜର ହରିହର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ଲଡୁବାବାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**ଶରଣକୁଳ,୧୭।୧(ଡି.ଏନ.ଏ.)**

ପ୍ରସିଦ୍ଧ ଶୈବକ୍ଷେତ୍ର ଶରଣକୁଳ ଶ୍ରୀଲଡୁବାବାଙ୍କ ସିଂହଦ୍ୱାର ସମ୍ମୁଖରେ ୫ଦିନ ଧରି ପଞ୍ଚକୁଣ୍ଡୀୟ ଶୈବ ବିଶ୍ୱଶାନ୍ତି ମହାଯଜ୍ଞର ଆରମ୍ଭ ହୋଇଛି । ମଙ୍ଗଳବାର ଭୋରୁ ଶତାଧିକ ଶ୍ରଦ୍ଧାଳୁ ଘଣ୍ଟ, ଖୋଳତାଳ, ଛତ୍ରୀ ଓ ତ୍ରାସ ସହ କଳସ ଶୋଭାଯାତ୍ରାରେ କୁସୁମୀ ନଦୀରୁ ପବିତ୍ର ଜଳ ସଂଗ୍ରହ କରିଥିଲେ । ମନ୍ଦିରର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଓ ସମସ୍ତ ଶୈବ ସେବାୟତମାନଙ୍କ ସହଯୋଗରେ ଏହି କଳସ ଶୋଭାଯାତ୍ରା ବାହାରି ଥିଲା । ନୟାଗଡ଼ ଜିଲାର ୪୫ଜଣ ବ୍ରାହ୍ମଣ ଯଜ୍ଞରେ ଆହୁତି ପ୍ରଦାନ କରୁଥିବା ବେଳେ ହରମୋହନ ମହାପାତ୍ର କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ । ତୋଷବନ୍ତ କର ମୁଖ୍ୟ ଆଚାର୍ଯ୍ୟ ଭାବେ ଯଜ୍ଞ କରୁଛନ୍ତି ।

## ଏପ୍ରିଲ ୮ରେ ଏନ୍‌ଏସି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ

**ନୟାଗଡ଼ ଅଫିସ,୧୭।୧**

ଆସନ୍ତା ଏପ୍ରିଲ ୮ ଓ ୯ ତାରିଖ ଦୁଇଦିନ ଧରି ନୟାଗଡ଼ ଏନଏସି ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ କରାଯିବ ବୋଲି ପ୍ରଥମ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି । ମଙ୍ଗଳବାର ବିଦ୍ୟାଳୟର ପ୍ରଧାନଶିକ୍ଷକ କୈଳାସ ଚନ୍ଦ୍ର କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ । ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଧନେଶ୍ୱର ସ୍ୱାଇଁ, ମୋ ବିଦ୍ୟାଳୟ ସଭାପତି ଲକ୍ଷ୍ମୀଧର ମହାପାତ୍ର, ପୁରାତନ ଛାତ୍ର ତଥା ନୟାଗଡ଼ ମ୍ୟୁନିସିପାଲିଟି ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା,ରୋଟାରିଆନ ଧିରେନ୍ଦ୍ର ପଟ୍ଟନାୟକ,ପ୍ରଦୀପ ସାହୁ,ରଞ୍ଜନ ରଶ୍ମି ଜେନା ପ୍ରମୁଖ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ । ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ସୁରୁଖୁରୁରେ ପାଳନ କରିବା ପାଇଁ ବିଭିନ୍ନ ବ୍ୟାଚର ପ୍ରତିନିଧିମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ଏହି କମିଟି ମାଧ୍ୟମରେ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ପୁରାତନ ଛାତ୍ରୀଛାତ୍ରମାନଙ୍କ ସହିତ ଯୋଗସୂତ୍ର ରକ୍ଷା କରି ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅଧିକରୁ ଅଧିକ ସଂଖ୍ୟାରେ ସାମିଲ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସମାରୋହର ପ୍ରଥମ ଦିବସରେ ବିଦ୍ୟାଳୟରେ ବର୍ତ୍ତମାନ ଅଧ୍ୟୟନ ରତ ଛାତ୍ରୀଛାତ୍ରତ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଦ୍ୱିତୀୟ ଦିବସରେ ପୁରାତନ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ । ସେହିପରି ଏହି ବିଦ୍ୟାଳୟରେ ପାଠ ପଢ଼ି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ପିଲାମାନଙ୍କୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିରେ ଶତାଧିକ ପୁରାତନ ଛାତ୍ରୀଛାତ୍ର ଯୋଗଦାନ କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ କୈଳାସ ରଥ, ନବଜ୍ୟୋତି ମହାପାତ୍ର,ପ୍ରଫୁଲ୍ଲ ମହାପାତ୍ର, ପୂର୍ଣ୍ଣିମା ତ୍ରିପାଠୀ, ରସିଦା ଖାତୁନ,ରୋଜାଲିନ ମିଶ୍ର,ସୁଚିତ୍ରା ଦେବୀ, ସ୍ୱାଗତିକା ଦଳେଇ, ସୌଦାମିନୀ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଆସନ୍ତା ଫେବୃୟାରୀ ଦ୍ୱିତୀୟ ସପ୍ତାହରେ ପରବର୍ତ୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

# ପୋଲ ନିର୍ମାଣ ଦାବିରେ ରାସ୍ତାରୋକୋ

**ନୂଆଗାଁ,୧୭।୧(ଡି.ଏନ.ଏ.)**



ଗ୍ରାମବାସୀ ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି ।

- ମାର୍ଚ୍ଚ ଶେଷ ସୁଦ୍ଧା କାମ ସରିବ
- ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସୋରଡ଼ା ଛକଠାରୁ ଗୌଡ଼ ଟାଙ୍ଗେରାପଲି ଦେଇ ଯାଇଥିବା ଆର୍‌ଡି ରାସ୍ତାରେ ବେଲପା ନଦୀର ପୋଲ ଭୁଶୁଡିବାକୁ ପ୍ରାୟ ଅଢେଇ ବର୍ଷ ପୁରିଲାଣି । କିନ୍ତୁ ଠିକାଦାର ପୋଲ ନିର୍ମାଣ କରିବାରେ ଅବହେଳା କରି ଆସୁଛନ୍ତି । ଖୁବ୍‌ଶୀଘ୍ର ପୋଲ ନିର୍ମାଣ ଶେଷ କରିବା ଦାବିରେ ମଙ୍ଗଳବାର ଶତାଧିକ ମହିଳା ଓ ପୁରୁଷ ରାଜରାସ୍ତାକୁ ଅବରୋଧ କରିଥିଲେ । ସେମାନେ ୨ ଘଣ୍ଟା ଧରି ରାସ୍ତାରେ ବସି ରହିବାରୁ ବହୁ ଯାନବାହାନ ଅଟକି ରହିଥିଲା । ବିଭାଗୀୟ ଅଧିକାରୀମାନେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ । ମାର୍ଚ୍ଚ ଶେଷ ସୁଦ୍ଧା ପୋଲ ନିର୍ମାଣ ଶେଷ କରିବାକୁ ଲିଖିତ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀମାନେ ରାସ୍ତାରୁ ହଟିଥିଲେ ।

ସୂଚନା ଅନୁଯାୟୀ, ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ସୋରଡ଼ାଠାରୁ ଗୌଡ଼ ଟାଙ୍ଗେରାପଲି ଦେଇ ଯାଇଥିବା ଆର୍‌ଡି ରାସ୍ତାରେ ଥିବା ପୋଲ ଭାଙ୍ଗିବାର ଦୀର୍ଘଦିନ ବିତି ଯାଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟ ଶେଷ ହୋଇପାରୁ ନାହିଁ । ଠିକାଦାର ମନ୍ଥର ଗତିରେ କାମ କରାଉଛନ୍ତି । ଫଳରେ ପ୍ରାୟ ବର୍ଷେ ହେଲା ଜାତୀୟ ରାଜପଥରୁ ଜଗନ୍ନାଥପ୍ରସାଦ, ଗୌଡ଼ଟାଙ୍ଗେରାପଲି, କନ୍ଦଳବ ସମେତ ୩ ଗାଁ ସହିତ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି । ଜଗନ୍ନାଥ ପ୍ରସାଦ ହାଇସ୍କୁଲରେ ପାଠ ପଢୁଥିବା ଲୁଣିସରା ଓ ସୋରଡା ଗ୍ରାମର ଛାତ୍ରୀଛାତ୍ରମାନେ ସ୍କୁଲକୁ ଆସି ପାରୁନାହାନ୍ତି । ଉକ୍ତ ରାସ୍ତା ସହ ପୋଲ ନିର୍ମାଣ କରିବା ପାଇଁ ସରକାର ୩୭୪.୮୧ ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ । ୨୪।୮।୨୦୨୨ ସୁଦ୍ଧା ରାସ୍ତା କାମ ସାରିବା ପାଇଁ ନିର୍ଦ୍ଦେଶ ରହିଥିଲେ ମଧ୍ୟ କୌଣସି କାମ ସରିନାହିଁ । ଇତିମଧ୍ୟରେ ୫ ମାସ ବିତି ଥିଲେ ମଧ୍ୟ କାମ ଅଧପନ୍ତରିଆ ଭାବେ ପଡି ରହିଛି । ପୋଲ ନିର୍ମାଣ ଦାବି କରି ଜଗନ୍ନାଥ ପ୍ରସାଦ ହାଇସ୍କୁଲର ଶତାଧିକ ଛାତ୍ରୀଛାତ୍ର ଗତ ଜୁଲାଇ ୨୨ରେ ଜାତୀୟ ରାଜପଥ ଅବରୋଧ କରିଥିଲେ । ବିଭାଗୀୟ ଅଧିକାରୀ, ଠିକାଦାର, ନୂଆଗାଁ ବିଡିଓ, ତହସିଲଦାର ପ୍ରମୁଖ ଆନ୍ଦୋଳନସ୍ଥଳରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିବା ସହ ଶୀଘ୍ର ପୋଲ ନିର୍ମାଣ କରିବାର ପ୍ରତିଶ୍ରୁତି ଦେଇଥିଲେ । ଇତିମଧ୍ୟରେ ୬ ମାସ ବିତିଥିଲେ ମଧ୍ୟ ଅଦ୍ୟାବଧି ପୋଲ ନର୍ମାଣ ଶେଷ ହୋଇ ପାରିନାହିଁ । ପୁନର୍ବାର ସ୍ଥାନୀୟ ଲୋକେ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥ ଅବରୋଧ କରି ସୋରଡାଛକଠାରେ ରାସ୍ତାରେ ବସି ରହିଥିଲେ । ଖବର ପାଇ ଆରଡି କାର୍ଯ୍ୟ ନିର୍ବାହୀ ଅଧିକାରୀ ସୌଭାଗ୍ୟ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ କୁମାର ସାହୁ , ନୂଆଗାଁ ଥାନା ପୋଲିସ , ଠିକାଦାର ଆଦି ଘଟଣାସ୍ଥଳରେ ପହଞ୍ଚି ମାର୍ଚ୍ଚ ମାସ ଶେଷ ସୁଦ୍ଧା ରାସ୍ତା ଓ ପୋଲ କାମ ଶେଷ କରିବାର ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ।

**ବ୍ରାଉନସୁଗାର ଜବତ, ଜଣେ ଅଟକ**

ଚଣ୍ଡିଖୋଲ,(ଡି.ଏନ.ଏ.): ବଡ଼ଚଣା ଥାନା ଅନ୍ତର୍ଗତ ଚଣ୍ଡିଖୋଲଛକ ନିକଟରୁ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଜିଲା ପୋଲିସ ସ୍କ୍ୱାଡ୍ ଉଠାଇ ନେଇଛି। ବ୍ରାଉନ ସୁଗାର ଚୋରା ବ୍ୟବସାୟ କରୁଥିବା ଅଭିଯୋଗରେ ସ୍କ୍ୱାଡ୍ ନେଇ ତାଙ୍କୁ ବଡ଼ଚଣା ଥାନାରେ ଅଟକ ରଖିଛି। ହେଲେ ଏସମ୍ପର୍କରେ ପୋଲିସ ମୁହଁ ଖୋଲିନାହିଁ। ଅଟକ ଯୁବକଙ୍କ ନିକଟରୁ କେତେ ପରିମାଣର ଧଳାଜହର ଜବତ ହୋଇଛି ତାହା ଜଣା ପଡ଼ିନାହିଁ। ଏ ସମ୍ପର୍କରେ ବଡ଼ଚଣା ଥାନା ଅଧିକାରୀ ଦାୟିତ୍ୱରେ ଥିବା ଏସ୍ଆଇ ସୁରଜ ଖାଁଙ୍କୁ ପଚାରିବାରୁ ସେ କୁହନ୍ତି, ଯୁବକଙ୍କୁ ଅଟକ ରଖାଯାଇ ପଚରାଉଚରା ଚାଲିଛି। ସମ୍ପୂର୍ଣ୍ଣ ଘଟଣା ଜଣା ପଡ଼ିବା ପରେ ସୂଚନା ଦିଆଯିବ।

# ଜଳାଶୟ କିସମ ବି ବାଦ୍ ପଡୁନି

**ଅଭିଲାଷ ଦାସ**
**ଯାଜପୁର ରୋଡ,୧୭।୧**

■ ବ୍ୟାସନଗରରେ ବଢୁଛି ଜମି ଦୁର୍ନୀତି
■ ଜମି ବାବଦକୁ ଅର୍ଥ ନେଇ ଓଲଟା ଥାନାରେ ମାମଲା
■ ରାସ୍ତା ନ ଥାଇ ଜମିର କିସମ ପରିବର୍ତ୍ତନ

ଶିଳ୍ପାୟନ ଏବଂ ଦ୍ରୁତ ସହରୀକରଣ ଯାଜପୁର ଜିଲାର କଳିଙ୍ଗନଗର ଏବଂ ଏହାର ମୁଖଶାଳା ବ୍ୟାସନଗର ସହରରେ ଜମି ମାଫିଆଙ୍କୁ ଜନ୍ମ ଦେଇଛି । ଲୋକଙ୍କ ଘର ପାଇଁ ଜମିର ଆବଶ୍ୟକତା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସହର ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଜମିର ଗୁରୁତ୍ୱ ବଢ଼ିଛି। ସରକାରୀ ଜମି ଓ ଜଳାଶୟଗୁଡ଼ିକୁ ରାସ୍ତା ଦର୍ଶାଇ ଚାଷ ଜମିକୁ ଘରବାଡ଼ି କିସମ ପରିବର୍ତ୍ତନ କରାଯାଉଛି। ଏପରିକି କେତେକ ପ୍ରଭାବଶାଳୀ ଜମି ମାଫିଆଙ୍କଠାରୁ ଲକ୍ଷାଧିକ ଟଙ୍କା ହାତଗୁଞ୍ଜା ନେଇ ସମ୍ପୃକ୍ତ ତହସିଲଦାର ଓଏଲଆର ୮(ଏ) ଆଇନକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଂଘନ କରୁଛନ୍ତି। ଜମି ମ୍ୟାପ୍‌ରେ ଜମିକୁ ରାସ୍ତା ନ ଥାଇ ଚାଷ ଜମିକୁ ଘରବାଡ଼ି ଜମିରେ ପରିବର୍ତ୍ତନ କରାଯାଉଥିବା ଭଳି ନଜୀର ରହିଛି। ଏନେଇ ଆରଡିସି ସ୍ତରରେ ତଦନ୍ତ କରାଗଲେ ମଧ୍ୟ ତାକୁ କଳେବଳେ କୌଶଳେ ଚାପି ଦିଆଯାଉଛି। କ୍ରେତାଙ୍କ ଠାରୁ ଟଙ୍କା ନେଇ ଜମି ମାଲିକ ଜମି ବିକ୍ରି କରିନାହାନ୍ତି ବୋଲି ମଧ୍ୟ ଥାନରେ ଅଭିଯୋଗ ହେଉଛି। ପରିଚୟ ପତ୍ର ଓ ଫଟୋ ଅସଲି ହୋଇଥିବାବେଳେ ମାଲିକଙ୍କ ଅନୁପସ୍ଥିତିର ତାଙ୍କ ସମ୍ପର୍କୀୟ ଯାଜପୁର ରୋଡ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ନକଲି ମାଲିକଙ୍କୁ ଠିଆ କରାଇ ଜମି ବିକ୍ରି ହୋଇଥିବା ଚର୍ଚ୍ଚା ହେଉଛି। ଜମି ବିକ୍ରିବଟାରେ ଏଭଳି ଅନେକ ଅନିୟମିତା ହେଉଥିଲେ ହେଁ ଜିଲାପାଳ ଉଦ୍ଦେଶ୍ୟମୂଳକ ଭାବେ ନୀରବ ରହୁଥିବା ଅଭିଯୋଗ ହେଉଛି।



ହାଲ ବନ୍ଦୋବସ୍ତର ମ୍ୟାପ୍।

ବ୍ୟାସନଗର ତହସିଲ ଅନ୍ତର୍ଗତ ଭିକିପୁର ମୌଜା ଖାତାନଂ.୧୭୪/୮୧, ପ୍ଲଟନଂ.୧୮୭ର ୨୫ ଡେସିମିଲ, ପ୍ଲଟନଂ. ୧୮୯ରେ ୨୦ ଡେସିମିଲ ଓ ପ୍ଲଟନଂ. ୨୦୨/୭୭୭ରେ ୧୧ ଡେସିମିଲ ଭାବେ ସମୁଦାୟ ୫୬ ଡେସିମିଲ ଜମି ବିକ୍ରି ହୋଇଥିଲା। ବ୍ୟାସନଗର ସବ୍‌ରେଜିଷ୍ଟର ଅଫିସ (ଉପନିବନ୍ଧକଙ୍କ କାର୍ଯ୍ୟାଳୟ)ରେ ମାଲିକ ଦୀପକ କୁମାର ଦାସ ୩।୧।୨୦୨୨ରେ ବଳରାମ ଜେନା ଓ ବିରଞ୍ଚି ଶଙ୍କର ପତିଙ୍କୁ ଯୁଗ୍ମ ଭାବେ ବିକ୍ରି କରିଥିଲେ। ଏଥିପାଇଁ ଜମି କ୍ରେତା ରାଧିକା ସେଲ୍ସର ମାଲିକ ବିରଞ୍ଚି ଶଙ୍କର ପତି ତାଙ୍କ ଆକାଉଣ୍ଟରୁ ୧୪।୨।୨୦୨୨ରେ ୩ ଲକ୍ଷ, ୫।୩।୨୦୨୨ରେ ୩ ଲକ୍ଷ, ୧୫।୩।୨୦୨୨ରେ ୨ ଲକ୍ଷ, ୨୫।୩।୨୦୨୨ରେ ୨ ଲକ୍ଷ, ୨।୫।୨୦୨୨ରେ ୧ ଲକ୍ଷ ଓ ୬।୫।୨୦୨୨ରେ ୧ ଲକ୍ଷ ଟଙ୍କା ଏନଇଏଫ୍‌ଟି ଜରିଆରେ ଜମି ମାଲିକ ଦୀପକ କୁମାର ଦାସଙ୍କ ଆକାଉଣ୍ଟରେ ଜମା କରିଛନ୍ତି। ଏହାବାଦ୍ ଚେକ ଏବଂ ନଗଦ ଭାବେ ୧୧ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା କ୍ରେତାଦ୍ୱୟ ଅଭିଯୋଗ ଆଣିଛନ୍ତି। ଏନେଇ କ୍ରେତାଦ୍ୱୟ ଯାଜପୁର ରୋଡ କୋର୍ଟରେ ଏକ ମାମଲା ରୁଜୁ କରିବାକୁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି। କିନ୍ତୁ କୌଣସି ଏକ ବୃହତ୍ ସ୍ୱାର୍ଥ ରଖି ଜମି ମାଲିକ ଦାସ ଓଲଟା ଥାନାର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି। ଜମି କିଣାବିକା ସମୟରେ ସେ ବିଦେଶରେ ଥିଲେ ଏବଂ କିପରି ଜମି ବିକ୍ରୀ ହେଲା ବୋଲି ଜମି ମାଲିକ ଦାସ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

ଅନ୍ୟପକ୍ଷେ ଜମି କିଣାବିକା ସମୟରେ ମାଲିକଙ୍କ ତରଫରୁ ତାଙ୍କ ସମ୍ପର୍କୀୟ ଅସଲି ପରିଚୟ ପତ୍ର ଏବଂ ଫଟୋ ଦାଖଲ କରିଥିବାବେଳେ ଉପନିବନ୍ଧକଙ୍କ ସମ୍ମୁଖରେ ନକଲି ମାଲିକଙ୍କୁ ଠିଆ କରାଇ ଜମି ବିକ୍ରି କରିଥିବା କ୍ରେତାଦ୍ୱୟଙ୍କ ତରଫରୁ ଅଭିଯୋଗ ହେଉଛି। ତେଣୁ ନକଲି ମାଲିକ ଓ ନିକଟ ସମ୍ପର୍କୀୟ କିଏ ସେ ନେଇ ପୋଲିସ ଆବଶ୍ୟକ ତଦନ୍ତ କରି ସତ୍ୟର ପର୍ଦ୍ଦାଫାସ କରିବାକୁ କ୍ରେତାଦ୍ୱୟ ଦାବି କରିଛନ୍ତି।

ଅନ୍ୟ ଏକ ଅଭିଯୋଗ ଅନୁଯାୟୀ ବ୍ୟାସନଗର ତହସିଲ ଅନ୍ତର୍ଗତ କୋପଣ୍ଡ ମୌଜାର ଖାତାନଂ.୫୪୨/୬୯୩, ପ୍ଲଟନଂ.୧୭୦୨, ୧୭୦୮ ଓ ୧୭୦୯, କିସମ ଶାରଦ-୨, ୦.୨୬୫ ଡେସିମିଲ ଜମିକୁ ଘରବାଡ଼ି ଜମି ପରିବର୍ତ୍ତନ ମାମଲାରେ ବ୍ୟାପକ ଅନିୟମିତତା କରାଯାଇଛି । ତୁଳତି ଗ୍ରାମର କିଶୋର ସେନାପତି ଏନେଇ ମୁଖ୍ୟମନ୍ତ୍ରୀ, ରାଜସ୍ୱ ସଚିବ, କେନ୍ଦ୍ରାଞ୍ଚଳ ଆରଡିସିଙ୍କ ନିକଟରେ ଲିଖିତ ଭାବେ ଅଭିଯୋଗ କରିଥିଲେ ହେଁ କିଛି ସୁଫଳ ମିଳି ପାରିନାହିଁ। ଅଭିଯୋଗ ଅନୁସାରେ ଜମି ଘରଡିହ ପରିବର୍ତ୍ତନ ପାଇଁ ୨୮।୧୨।୨୦୨୧ରେ ଆବେଦନ ହୋଇଥିଲା। ଏନେଇ ବ୍ୟାସନଗର ତହସିଲରେ ୯୧୪୩/୨୦୨୧ରେ ଏକ ମ୍ୟୁଟେଶନ ମାମଲା ରୁଜୁ ହୋଇଥିଲା। ତେବେ ପ୍ରଥମେ ଜମି ସ୍ଥାନକୁ ଚଳାଚଳ ରାସ୍ତା ନ ଥିବା ଦର୍ଶାଇ କିସମ ପରିବର୍ତ୍ତନ ମାମଲାକୁ ତହସିଲଦାର ଖାରଜ କରିଥିଲେ। ଏହାପରେ ପ୍ରାୟ ୨ ମାସ ପରେ ତହସିଲଦାର କେଉଁ ସ୍ୱାର୍ଥରେ ପୁଣି ତାକୁ ମଞ୍ଜୁର କରିଥିଲେ ବୋଲି ଅଭିଯୋଗକାରୀ ପ୍ରଶ୍ନ ଉଠାଇଥିଲେ। ହାଲ୍ ବନ୍ଦୋବସ୍ତ ନକ୍ସା ଅନୁସାରେ ଉକ୍ତ ଜମିର ପଶ୍ଚିମ, ଉତ୍ତର ଏବଂ ଦକ୍ଷିଣରେ ଚାଷ ଜମି ରହିଥିବାବେଳେ ପୂର୍ବ ପଟକୁ ୧୫୩୨ ଏବଂ ୧୫୩୩ ପ୍ଲଟ୍ ନଂ. ଜଳାଶୟ ଓ ଆଡି କିସମ ରହିଛି। ତେବେ କିସମ ପରିବର୍ତ୍ତନ ହୋଇଥିବା ପ୍ଲଟଗୁଡ଼ିକୁ କୌଣସି ରାସ୍ତା ସଂଯୋଗ ନାହିଁ। ତଥାପି କେଉଁ ଆଧାରରେ କିସମ ପରିବର୍ତ୍ତନ ହୋଇଛି ବୋଲି ଅଭିଯୋଗକାରୀ ତାଙ୍କ ଅଭିଯୋଗରେ ଦର୍ଶାଇଥିଲେ। ଏହାପରେ ଆରଡିସିଙ୍କ କାର୍ଯ୍ୟାଳୟରୁ ୧୪।୧୦।୨୦୨୨ରେ ଜଣେ ବରିଷ୍ଠ ଅଧିକାରୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ତଦନ୍ତ କରିଫେରିଯାଇଥିଲେ । ହେଲେ ଏହି ତଦନ୍ତର ୩ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ ରହିବା ପଛରେ ରହସ୍ୟ କ'ଣ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି।

ଏ ସଂକ୍ରାନ୍ତରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ପଚାରିବାରୁ ସେଭଳି କୌଣସି ଅଭିଯୋଗ ସେ ପାଇନାହାନ୍ତି। ଅଭିଯୋଗ ମିଳିବା ପରେ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ତାଲିକାରୁ ବାଦ୍ ଧମକ ଦେଲେ ପ୍ରଶାସନକୁ ଜଣାଅ

■ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ତାଲିକା ପ୍ରକାଶିତ
■ ୧୬ରୁ୨୪ ମଧ୍ୟରେ ଅଭିଯୋଗ ଦାଖଲ ନିର୍ଦ୍ଦେଶ

**ଯାଜପୁର ଟାଉନ,୧୭।୧(ଡି.ଏନ.ଏ.):**



ଖବରଦାତା ସମ୍ମିଳନୀରେ ଯୋଗଦେଇଥିବା ଅଧିକାରୀ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ସ୍ୱଚ୍ଛତା ଭିତ୍ତିରେ ଜିଲାରେ କାର୍ଯ୍ୟ କରିବ। ଏଥିନିମନ୍ତେ ମଙ୍ଗଳବାର ଅପରାହ୍ନରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ ଜିଲା ପରିଷଦ କ୍ଷୁଦ୍ର ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଛନ୍ତି। ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ଜିଲାରେ ସ୍ୱଚ୍ଛତା ଭିତ୍ତିରେ ହିତାଧିକାରୀ ଚୟନ କରାଯାଇ ଏହାର ସୁଫଳ ପ୍ରଦାନ କରାଯାଉଛି। ଏହି ଯୋଜନାରେ ଘର ଯୋଗାଇ ଦେବା ପାଇଁ କହି କିମ୍ବା ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା କୌଣସି ବ୍ୟକ୍ତିଙ୍କ ନାମକୁ ବାଦ୍ ଦେବାର ଧମକ ଦେଇ ଯଦି କୌଣସି ଲୋକ ଅର୍ଥ ଦାବି କରୁଥାନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ହିତାଧିକାରୀ ଓ ଜନସାଧାରଣ ଏହାକୁ ବିଶ୍ୱାସ ନ କରି ଉକ୍ତ ବ୍ୟକ୍ତିଙ୍କ ବିରୋଧରେ ନିଜ ଅଞ୍ଚଳର ବିଡିଓ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲା ପରିଷଦ ଏବଂ ଜିଲା ପ୍ରଶାସନକୁ ଅବଗତ କରାଇବାକୁ ରାଠୋର ପରାମର୍ଶ ଦେଇଛନ୍ତି।

ନିର୍ବାହୀ ଅଧିକାରୀ ବେଉରିଆ କହିଛନ୍ତି, ଜିଲାରେ ଥିବା ୧୦ ବ୍ଲକ୍‌ର ୩୧୧ ଗ୍ରାମ ପଞ୍ଚାୟତ ମଧ୍ୟରୁ ୨୯୩ ପଞ୍ଚାୟତରେ ୩୩,୫୨୦ ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ହିତାଧିକାରୀଙ୍କ ଅନୁମୋଦନ ତାଲିକା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରକାଶିତ କରାଯାଇଛି। ଜାନୁୟାରୀ ୧୬ରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି ତାଲିକାରେ କୌଣସି ଅଯୋଗ୍ୟ ପରିବାରଙ୍କ ନାମ ଅନ୍ତର୍ଭୁକ୍ତ ହୋଇଥିଲେ, ଅଭିଯୋଗକାରୀ ସରକାରଙ୍କ ତରଫରୁ ପ୍ରକାଶିତ ନିର୍ଦ୍ଦିଷ୍ଟ ଅଭିଯୋଗ ଦରଖାସ୍ତ ଫର୍ମରେ ହିତାଧିକାରୀ ଜଣକ କେଉଁ କାରଣରୁ ଅଯୋଗ୍ୟ ତାହା ଉଲ୍ଲେଖ କରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଥିବା ନିର୍ଦ୍ଦିଷ୍ଟ ବାକ୍ସରେ ଅଭିଯୋଗ ପତ୍ର ଦାଖଲ କରିବେ। ଏହା ଛଡ଼ା ଅନ୍‌ଲାଇନ rhodisha.gov.inରେ ନିଜର ମୋବାଇଲ ନମ୍ବର ପଞ୍ଜୀକରଣ କରି ଅଭିଯୋଗ କରିପାରିବେ। ସେହିଭଳି ଟୋଲ ଫ୍ରି ନମ୍ବର ୧୮୦୦୩୪୫୬୭୭୦ ବା ୧୫୫୩୩୫ରେ ନିଜର ପରିଚୟ ପ୍ରଦାନ କରି ଅଭିଯୋଗ କରିପାରିବେ। ଅଭିଯୋଗଗୁଡ଼ିକ ପାଇଲା ପରେ ସଂପୃକ୍ତ ବ୍ଲକ୍‌ର ବିଡିଓଙ୍କ ଅଧ୍ୟକ୍ଷତାରେ ଏକ ୩ ଜଣିଆ ଟିମ୍ ହିତାଧିକାରୀଙ୍କ ଯୋଗ୍ୟତା ଯାଞ୍ଚ କରିବେ। ମଙ୍ଗଳବାର ସୁଦ୍ଧା ୨୫୩ ଅନ୍‌ଲାଇନ ଅଭିଯୋଗ, ୬୭ ଟୋଲ୍ ଫ୍ରି ନମ୍ବରରେ ଅଭିଯୋଗ ଏବଂ ୯ଟି ବାକ୍ସ ମାଧ୍ୟମରେ ଅଭିଯୋଗ ପ୍ରଶାସନର ହସ୍ତଗତ ହୋଇଥିବା ବେଉରିଆ ସୂଚନା ଦେଇଛନ୍ତି। ପ୍ରତିଦିନ ବାକ୍ସଗୁଡ଼ିକ ସ୍ଥାନୀୟ ଜନପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତ ଗୁଡ଼ିକ ସଂଗ୍ରହ କରାଯାଇ ବିଚାରକୁ ନିଆଯିବ ବୋଲି ଉକ୍ତ ଖବରଦାତା ସମ୍ମିଳନୀରେ କୁହାଯାଇଛି।

# ଜୋନ୍‌ସ୍ତରୀୟ କେଡିଏମ୍ କ୍ରିକେଟ ଉଦ୍‌ଘାଟିତ

**ଧର୍ମଶାଳା,୧୭।୧(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ ୧୫ନଂ. ଜୋନ୍ ଅନ୍ତର୍ଗତ ନୀଳକଣ୍ଠପୁର ଖେଳପଡ଼ିଆରେ ମଙ୍ଗଳବାର କଳ୍ପତରୁ ଦାସ ମେମୋରିଆଲ(କେଡିଏମ୍) କ୍ରିକେଟ ଟୁର୍ନାମେଣ୍ଟର ଜୋନସ୍ତରୀୟ ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅରେଇକଣା ଟିମ୍‌କୁ ୪ ଉଇକେଟରେ ପରାସ୍ତ କରି ମଙ୍ଗଳପୁର ଟିମ୍ ବିଜୟୀ ହୋଇଛି। ଅରେଇକଣା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୮ଉଇକେଟ ହରାଇ ୯୧ରନ୍ କରିଥିଲା। ଜବାବରେ ମଙ୍ଗଳପୁର ଟିମ୍ ୧୩.୨ ଓଭରରେ ୬ ଉଇକେଟ ହରାଇ ୯୨ ରନ କରି ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ସୁଭ୍ରଜିତ ଜେନା ଓ ଇନ୍ତେକାବ ଆଲମ ପରିଚାଳନା କରିଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଅତିଥି ଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦଘାଟନ କରିଥିଲେ। ପରେ ଖେଳାଳିଙ୍କ ସହ କରମର୍ଦ୍ଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି ଓ ଜିଲା ପରିଷଦ ସଭ୍ୟ ଭାଗ୍ୟଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ଏହି ଖେଳପଡ଼ିଆରେ ୨ ମ୍ୟାଚ୍ ଅନୁଷ୍ଠିତ ହେବ। ପ୍ରଥମ ମ୍ୟାଚ୍ ପଟୁଣିଆ ଟିମ୍ ସହିତ ଅରାବଳ ଓ ଦ୍ୱିତୀୟ ମ୍ୟାଚ୍ କଦମପାଳ ସହିତ ମିର୍ଜାପୁର ଟିମ୍ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କେଡିଏମ୍ ଉପାଧ୍ୟକ୍ଷ ରଶ୍ମିରଞ୍ଜନ ରାୟ ସୂଚନା ଦେଇଛନ୍ତି।



ଅତିଥି ଖେଳାଳିଙ୍କ ସହ ହାତ ମିଳାଉଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଭୁ



@ ବିଶ୍ୱଜିତ୍



@ ଶୁଭଶ୍ରୀ



@ ମୁର୍ସିଦ୍



@ କ୍ରିଷ୍ଣା



@ ସତ୍ୟଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଜିଠାରୁ ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା

**ଚଣ୍ଡିଖୋଲ,୧୭।୧(ଡି.ଏନ.ଏ.):**



ଓଳାଶୁଣୀ ଗୁମ୍ଫା ମେଳା ପୂର୍ବରୁ ଅନୁଷ୍ଠିତ କେଶ ଯାତ୍ରା।

ଓଡ଼ିଶାର ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ବୁଧବାର ଭୋର ସମୟରୁ ଆରମ୍ଭ ହେବ। ଏଥି ପାଇଁ ବ୍ୟାପକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମାଘ ମାସ କୃଷ୍ଣପକ୍ଷ ଏକାଦଶୀ ତିଥିରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମଲୀନ ଦିବସ ଅବସରରେ ଏହି ମେଳା ଆରମ୍ଭ ହୋଇଥାଏ। ଚଳିତ ବର୍ଷ ୧୮୬ ତମ ଗୁମ୍ଫା ମେଳା ହେଉଥିବା ନେଇ ଓଳାଶୁଣୀ ଗୁମ୍ଫା ଉନ୍ନୟନ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେଥିପାଇଁ ଓଳାଶୁଣୀ ପାହାଡ଼ ଶୀର୍ଷ ଦେଶରେ ଥିବା ମହାପୁରୁଷଙ୍କ ମହା ସମାଧି ମନ୍ଦିରରେ ସାଜସଜ୍ଜା ବ୍ୟାପକ ହୋଇଛି। ପାହାଡ଼ ପାଦଦେଶରେ ଅବସ୍ଥିତ ମେଳା ପଡିଆରେ ହଜାରହଜାର ଅସ୍ଥାୟୀ ଦୋକାନ ଖୋଲାଯାଇଛି। ପରମ୍ପରା ଅନୁଯାୟୀ ମେଳା ଆରମ୍ଭ ପୂର୍ବରୁ ଏଠାରେ କେଶ ଯାତ୍ରା ହୋଇଥାଏ। ସେଥିପାଇଁ ମଙ୍ଗଳବାର ସନ୍ଧ୍ୟା ୭ଟାରେ ଏକ ବିମାନ ମଧ୍ୟରେ କେଶକୁ ରଖାଯାଇ ଅତାସ ବାଜି ଓ ଘଣ୍ଟ, ବାଜା ସହକାରେ ରୋଷଣି କରାଯାଇ କେଶକୁ ନିଆଯାଇଛି। ଲଳିତଗିରି ଗ୍ରାମର କଳ୍ପତରୁ ମହାରଣାଙ୍କ ବାସଭବନରେ ରହି ପୂଜା ପାଉଥିବା ଏହି କେଶ ଯାତ୍ରା ରାତ୍ରି ୧୧ଟାରେ ମହାପୁରୁଷଙ୍କ ସମାଧି ମନ୍ଦିରରେ ପହଞ୍ଚିବା ପରେ ସମାଧି ପୀଠରେ ପୂଜାର୍ଚ୍ଚନା କରାଯାଇ ମନ୍ଦିରରେ ପତାକା ଲଗାଯିବ। ପରେ ମେଳା କାର୍ଯ୍ୟ ଆରମ୍ଭ ହେବ। ଦୀର୍ଘ ୧ କିଲୋମିଟର ଏହି ଯାତ୍ରାରେ ଲଳିତଗିରି ଓ ଶୁଖୁଆପଡା ଗ୍ରାମବାସୀ ସାମିଲ ହୋଇଥିଲେ। ଶୁଖୁଆପଡ଼ା ଗ୍ରାମବାସୀଙ୍କ ଦ୍ୱାରା ପ୍ରସ୍ତୁତ ମହାପୁରୁଷଙ୍କ ପ୍ରିୟଭୋଗ ପୋଡ଼ପିଠା ଭୋର ସମୟରେ ପ୍ରଥମେ ଲାଗି ହେବା ପରେ ଅନ୍ୟ ମାନସିକଧାରୀଙ୍କ ଭୋଗ ଲାଗି ହୋଇଥାଏ। ସେହିଭଳି ପ୍ରଥମେ ଶୁଖୁଆପଡ଼ା ଗ୍ରାମବାସୀ ମହାପ୍ରସାଦ ସେବନ କରିବା ପରେ ଅନ୍ୟମାନେ ମହା ପ୍ରସାଦ ପାଇ ଥାଆନ୍ତି।

# କଳକଳା ଗଡ଼ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଛତିଆ,୧୭।୧(ଡି.ଏନ.ଏ.):**

ବଡ଼ଚଣା ବ୍ଲକ ସମିଆଁ ପଞ୍ଚାୟତ ଚମ୍ପାପୁର ଗ୍ରାମ ଖେଳପଡ଼ିଆରେ ରଘୁନାଥ ଜୀଉ ଲାୟନ ହାର୍ଟ କ୍ରିକେଟ କ୍ଲବ କଳକଳାଗଡ଼ ତରଫରୁ ୮ମ ପୁରନ୍ଦର ସାମନ୍ତ ମେମୋରିଆଲ କ୍ରିକେଟ ଟୁନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ସାମାଜିକ କର୍ମୀ ଶିବନାରାୟଣ ଜଗଦ୍ଦେବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସମିଆଁ ସରପଞ୍ଚ ବିଶ୍ୱବିଜୟୀ ବ୍ରହ୍ମ, ସମ୍ମାନିତ ଅତିଥି ସାମାଜିକ କର୍ମୀ ସତ୍ୟପ୍ରକାଶ ଦାସ ଓ ପଞ୍ଚାୟତ ଭାଜପା ସଭାପତି କାର୍ତ୍ତିକ ସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଲାଉଲଇ କ୍ରିକେଟ କ୍ଲବ ଓ ସୋଲଗାଡିଆ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ସୋଲଗାଡିଆ କ୍ରିକେଟ କ୍ଲବ ଟସ ଜିତି ଫିଲଡିଂ ନିଷ୍ପତ୍ତି ନେଇଥିଲା। ଲାଉଲଇ ନିର୍ଦ୍ଧାରିତ ୮ ଓଭର ବିଶିଷ୍ଟ ଖେଳରେ ୩ ଉଇକେଟ ହରାଇ ୧୧୧ ରନ ସଂଗ୍ରହ କରିଥିଲା। ସୋଲଗାଡିଆ ୮ ଓଭର ବ୍ୟାଟିଂ କରି ୬ ଉଇକେଟ ହରାଇ ୮୬ ରନ କରି ପରାସ୍ତ ହୋଇଥିଲା। ଖେଳକୁ ଅନିଲ କୁମାର ବ୍ରହ୍ମ ଓ ରମାକାନ୍ତ ସ୍ୱାଇଁ ପରିଚାଳନା କରିଥିଲେ।

# ବ୍ୟାସ ସମ୍ମାନ ଫେରାଇବାକୁ ଚେତାବନୀ

**ଯାଜପୁର ରୋଡ୍,୧୭।୧(ଡି.ଏନ.ଏ.):**

**ବ୍ୟାସ ସରୋବର ମେଳାକୁ ଅଣଦେଖା**
■ ସହରରେ ପାଳନ ହେବ କଳା ଦିବସ

ବ୍ୟାସସରୋବର ମେଳାର ଅନିଶ୍ଚିତତାକୁ ନେଇ ସହରବାସୀଙ୍କ ମନରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୌରାଣିକ ଓ ଐତିହାସିକରୁ ଜଣାଯାଏ ୩ସହ ବର୍ଷରୁ ଊର୍ଦ୍ଧ୍ୱ ରଘୁଜୀ ଠାକୁରଙ୍କ କୃପାରୁ ବ୍ୟାସସରୋବର ମେଳା ଏକାଦଶୀଠାରୁ ଆରମ୍ଭ ହୋଇଥାଏ। କିନ୍ତୁ ବିଡମ୍ବନାର ବିଷୟ ଚଳିତ ବର୍ଷ ଜିଲା ପ୍ରଶାସନ ଏନ୍‌ର୍ଜିରେ ନିର୍ମାଣ ଅଞ୍ଚଳରେ ରହିତା ଦେଶ ନାମରେ ପୌରପରିଷଦ ଦ୍ୱାରା ହେଉଥିବା ଏହି ମେଳା ନ କରିବାକୁ କହିବା ସଂସ୍କୃତି, ପରମ୍ପରା ଓ ଅଧିକାର ପ୍ରତି ଏକ ଉପହାସ। ତେଣୁ ଏହାକୁ ବିରୋଧକରି ମଙ୍ଗଳବାର କୋରେଇ ସଂଗ୍ରାମ ସମିତି ଓ ଯାଜପୁରରୋଡ ସିଭିଲ ଶୋସାଇଟି ଦ୍ୱାରା ଗଠିତ ବ୍ୟାସନଗର କ୍ରିୟାନୁଷ୍ଠାନ ପକ୍ଷରୁ ଏକ ପ୍ରତିନିଧି ଦଳ ବ୍ୟାସନଗର ପୌରପରିଷଦର ନିର୍ବାହୀ ଅଧିକାରୀ ବିକ୍ରମ କୁମାର ମଲ୍ଲିକ, ପୌରାଧ୍ୟକ୍ଷା ସଂଗୀତା ପିଙ୍ଗୁଆଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଯଦି ବ୍ୟସାସରୋବର ତାରିଖ ଘୋଷଣା କରା ନ ଯାଏ ତେବେ ଆସନ୍ତା ୨୦ ତାରିଖରୁ ୨୨ ତାରିଖ ପର୍ଯ୍ୟନ୍ତ ସହରବାସୀଙ୍କ ଦ୍ୱାରା କଳାଦିବସ ପାଳନ କରାଯିବ। ଏଥିସହିତ ଯେଉଁମାନଙ୍କୁ ବ୍ୟାସସମ୍ମାନ ଦିଆଯାଇଥିଲା ତାହାକୁ ସମୂହ ଭାବେ ଫେରାଇଦେବାକୁ କ୍ରିୟାନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି। ଏପରିସ୍ଥଳେ ଜିଲା ପ୍ରଶାସନ ନିରବଦ୍ରଷ୍ଟା ନ ହୋଇ ସ୍ଥାନୀୟ ତହସିଲଦାରଙ୍କ ଦ୍ୱାରା ଜମି ଚିହ୍ନଟ କରି ପୌରପରିଷଦ ଦ୍ୱାରା ଏହି ମହୋତ୍ସବ କରିବାକୁ ଅନୁମତି ଦିଅନ୍ତୁ ବୋଲି ସାଧାରଣରେ ଦାବି ହେଉଛି। ଏହି ପ୍ରତିନିଧି ଦଳରେ ବିଦ୍ୟାଧର ମହାନ୍ତି, ବିବେକାନନ୍ଦ ମହାନ୍ତି, ନିତ୍ୟାନନ୍ଦ ମହାଲିକ, ଶିଶିର କୁମାର ରାଉତ, ଚନ୍ଦ୍ରମଣି ସାମଲ, ପବିତ୍ରରଞ୍ଜନ ମହାନ୍ତି, ଦେବୀନ୍ଦ୍ର ସାମଲ, ପ୍ରମୋଦ କୁମାର ବୋଇତାଇ ପ୍ରମୁଖ ଯୋଗ ଦେଇଥିଲେ।



ବ୍ୟାସ ସରୋବର ମେଳା ଆୟୋଜନ ପାଇଁ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

## ସଂକ୍ଷେପରେ

### ବନ୍ୟା କ୍ଷୟକ୍ଷତିଜନିତ କାର୍ଯ୍ୟର ପୁନଃ ନିର୍ମାଣ ପାଇଁ ଶିଳାନ୍ୟାସ

କୁଜଙ୍ଗ, ୧୭।୧ (ଡି.ଏନ୍.ଏ.) ମହାନଦୀ ଓ ପାଇକାରେ ସଂଗଠିତ ବନ୍ୟାରେ ସେପ୍ଟେମ୍ବର ୨୦୨୨ରେ କୁଜଙ୍ଗ ବ୍ଲକର କାଠକୋଟ, ହଂସୁରା, ବଡ଼ବାଲିକଣି, ତାଳପଡ଼ା, ସାଇଲୋ, ମହ୍ଲାସାହି, ଜିଲାନାସୀ ଓ କୁଜଙ୍ଗ ପଞ୍ଚାୟତ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଏହି ସମୟରେ ହୋଇଥିବା କ୍ଷୟକ୍ଷତିର ପୁନଃ ନିର୍ମାଣ କରାଯିବ। ପାରାଦୀପ ବିଧାୟକ ସମ୍ବିତ୍ ରାଉତରାୟ ମଙ୍ଗଳବାର ଏହି କାର୍ଯ୍ୟର ଶିଳାନ୍ୟାସ କରିଛନ୍ତି। ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଉପରୋକ୍ତ ୮ ପଞ୍ଚାୟତରେ ୩୨୮ ପ୍ରକଳ୍ପ ପାଇଁ ନିର୍ମାଣ କାର୍ଯ୍ୟ ହେବ। ସେଥିରେ ୨୭୮ ରାସ୍ତା, ୧୯ ପ୍ରାଥମିକ ସ୍କୁଲ ଗୃହ ନିର୍ମାଣ, ୧୧ ପଞ୍ଚାୟତ କୋଠା, ୧୨ ଅଙ୍ଗନୱାଡ଼ି କେନ୍ଦ୍ର ଓ ୮ଟି ଘାଇ ମରାମତି କରାଯିବ। ଏନେଇ ସରକାରଙ୍କ ତରଫରୁ ୭ କୋଟି ୭୧ ଲକ୍ଷ ୪୬ ହଜାର ଟଙ୍କା ଅନୁଦାନ ଆସିଛି। ଏହି ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ନୀନାରାଣୀ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ସମିତି ସଭ୍ୟା ସସ୍ମିତା ନାୟକ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ବାରିକ୍ ପ୍ରମୁଖ ଯୋଗଦେଇଥିଲେ। କୁଜଙ୍ଗ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁଃଶାସନ ରାଉତ, ଯୁବନେତା ଅରୁଣ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସରକାରଙ୍କ ମାର୍ଗଦର୍ଶିକାକୁ ମାନିଲେ ଦୁର୍ଘଟଣା ଏଡ଼ାଇବା ସମ୍ଭବ

ରାହାମା,୧୭।୧(ଡି.ଏନ୍.ଏ.)- କୁଜଙ୍ଗ ବ୍ଲକ ଅଧୀନ ରାହାମା ବଜାର କଲେଜ ଛକରେ ଥିବା ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ଜିଲା ପ୍ରଶାସନ ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଦର ଟେରେସା ଫାଉଣ୍ଡେଶନର ଓଡ଼ିଶା ରାଜ୍ୟ ଅଧକ୍ଷ ସାମାଜିକ କର୍ମୀ ଡ. ସୁନାକର ବେହେରା ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କୁଜଙ୍ଗ ବ୍ଲକ ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ ଓ ଅନ୍ୟତମ ଅତିଥିଭାବେ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତି ଯୋଗଦେଇ ସରକାରଙ୍କ ମାର୍ଗଦର୍ଶକାକୁ ମାନିଲେ ଦୁର୍ଘଟଣା ଏଡ଼ାଇବା ସମ୍ଭବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ କୁଜଙ୍ଗ ବ୍ଲକ ଜିଲାପରିଷଦ ସଭ୍ୟ ଏବଂ ବିଭିନ୍ନ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ ଓ ସମ୍ମାନିତ ଅତିଥିଭାବେ ଜିଲା ଟ୍ରାଫିକ ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର, ତିର୍ତ୍ତୋଲ ଥାନାର ଭାରପ୍ରାପ୍ତ ସହ ଅଧିକାରୀ କିଶୋର କୁମାର ତରାଇ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧରେ ମାନସ ରଞ୍ଜନ ମହାନ୍ତି, ଶ୍ରୀକାନ୍ତ ଦାସ,ସିଦ୍ଧାର୍ଥ ସ୍ୱାଇଁ, ନିର୍ଲିପ୍ତ ଦାସ, ନୃସିଂହ ଚରଣ ବାରିକ, ପ୍ରମୋଦ ମଲ୍ଲିକ ଓ ଯଜ୍ଞେଶ୍ୱର ଦଳାଇ ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ାଶିକ୍ଷକ ରଶ୍ମୀକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପାଠକ ହିଁ ସର୍ବଶ୍ରେଷ୍ଠ ସାହିତ୍ୟିକ



କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଉଛି।

**ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା**

ଜଗତ୍‌ସିଂହପୁର ଅଫିସ, ୧୭।୧

ଜଗତ୍‌ସିଂହପୁର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଚାଲିଥିବା ଜଗତ୍‌ସିଂହପୁର ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ 'ପ୍ରିୟ ଲେଖକଙ୍କ ସହ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାଠକ ଓ ପାଠକୀୟଙ୍କ ରୁଚି ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷକରି ପାଠକ ହିଁ ସର୍ବଶ୍ରେଷ୍ଠ ସାହିତ୍ୟିକ ବୋଲି ମତ ପ୍ରକାଶ ପାଇଥିଲା । ସମ୍ପ୍ରତି ଆମ ଭିତରେ ପାଠକୀୟତା କମିଯାଉଥିବାରୁ ଦୁଃଖପ୍ରକାଶ କରାଯିବା ସହ ଏହାକୁ ଉଦ୍‌ଜୀବିତ କରି ରଖିବା ପାଇଁ ବିଭିନ୍ନସ୍ତରରେ ପ୍ରଚେଷ୍ଟା ଜାରି ରହିବା ଉଚିତ ବୋଲି ଉପସ୍ଥିତ ଅତିଥିମାନେ ପ୍ରକାଶ କରିଥିଲେ। ସାହିତ୍ୟ ପ୍ରତି ଆତ୍ମୀୟତା ବୃଦ୍ଧି ପାଇଲେ ସାମାଜିକ ମୂଲ୍ୟବୋଧ ବଞ୍ଚି ରହିବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଜିଲା ସାଂସ୍କୃତିକ ପରିଷଦର କାର୍ଯ୍ୟକାରୀ ଉପାଧକ୍ଷ ବିଜୟ କୁମାର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଗାଳ୍ପିକ ଇଂ. ବିଷ୍ଣୁ ସାହୁ ଓ ପ୍ରଜ୍ଞା ପାରମିତା ରଥ ଅତିଥିଭାବେ ଯୋଗଦେଇଥିଲେ । ଏହି ଅବସରରେ ଉପସ୍ଥିତ ଦର୍ଶକମାନେ ଅତିଥିମାନଙ୍କୁ ସେମାନଙ୍କ ସାହିତ୍ୟିକ କୃତି ବିଷୟରେ ପ୍ରଶ୍ନ କରିଥିଲେ। ମେଳାର ତୃତୀୟ ସନ୍ଧ୍ୟା ଶତାୟୁ ସ୍ୱାଧିନତା ସଂଗ୍ରାମୀ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗିକୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ଉପସ୍ଥିତ ରହି କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ । ପରିଷଦର କାର୍ଯ୍ୟକାରୀ ସଦସ୍ୟ ସତ୍ୟବ୍ରତ ବିଶ୍ୱାଳ ସ୍ୱାଗତ ଭାଷଣ ଓ ଅବନୀକାନ୍ତ ମହାରଣା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅଧାପିକା ସବିତା ମହାନ୍ତିଙ୍କ ପୁସ୍ତକ ସ୍ମୃତି ବିସ୍ମୃତି ଓ ପ୍ରଜ୍ଞା ପାରମିତା ରଥଙ୍କ ସ୍ୱପ୍ନ ଭଙ୍ଗ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଅପରାହ୍ନରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଶିକ୍ଷାବିତ୍ ନିରୂପମା ମିଶ୍ର, ଏସ୍‌କେ ଏକାଡେମୀର ପ୍ରଧାନ ଶିକ୍ଷକ ଶୁକଦେବ ସାହୁ, ପରିଷଦର ମୁଖପତ୍ର ସମ୍ପାଦକ ମହେନ୍ଦ୍ର କୁମାର ଆଚାର୍ଯ୍ୟ ପୁରସ୍କୃତ କରିଥିଲେ । ପରିଷଦର କର୍ମକର୍ତ୍ତା ହେମନ୍ତ କୁମାର ରଥ, ସାରଦା ପ୍ରସାଦ ଦାସ, ଗଣେଶ୍ୱର ମାଣିଆ, ପ୍ରଶାନ୍ତ କୁମାର ମହାପାତ୍ର, ନରେଶ ଦାସ, ସୁଧୀର କୁମାର ମହାନ୍ତି ଓ କୈଳାସ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ମେଳାର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ପରିଷଦ କାର୍ଯ୍ୟକାରୀ ସଭାପତି ବିପ୍ଳବ ଚୌଧୁରୀ ପୌରୋହିତ୍ୟ କରିଥିଲେ। କାର୍ଯ୍ୟକ୍ରମରେ ଗାଳ୍ପିକ ଡ. ଅରବିନ୍ଦ ରାୟ ଅତିଥି ଭାବେ ଯୋଗଦେଇ ସାହିତ୍ୟିକ ସମ୍ପର୍କ ଓ ପାଠକୀୟ ଆଦୃତିକୁ ସର୍ବଶ୍ରେଷ୍ଠ ସମ୍ପତ୍ତି ବୋଲି କହିଥିଲେ । ଏଥିରେ ଗାଳ୍ପିକ ଲିଲି ଦାସ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ପରିଷଦର ପ୍ରତିଷ୍ଠାତା କର୍ମକର୍ତ୍ତା ହେମନ୍ତ କୁମାର ରଥ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରଭାତ କୁମାର ଦାଶ ସ୍ୱାଗତ ଭାଷଣ ଓ ନାଟ୍ୟକାର କୈଳାସ ଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଗୌରାଙ୍ଗ ଚରଣ ସେନାପତିଙ୍କ ପୁସ୍ତକ ବିଦଗ୍ଧ ରାଧିକା ଉନ୍ମୋଚିତ ହୋଇଥିଲା ।

## ଓଡ଼ିଶାର ମହାନ୍ ସଂସ୍କୃତି ସମ୍ପର୍କରେ ବିଦେଶରେ ଚର୍ଚ୍ଚା ହୁଏ

### ଜିଲା ମହୋତ୍ସବ କଲ୍ଲୋଳର ତୃତୀୟ ସନ୍ଧ୍ୟା

ଜଗତ୍‌ସିଂହପୁର ଅଫିସ, ୧୭।୧

ଓଡ଼ିଶାର ସଂସ୍କୃତି ମହାନ୍। ଏହା କେବଳ ଦେଶ ନୁହେଁ ବିଦେଶରେ ମଧ ଚର୍ଚ୍ଚା ହୁଏ। ବାସ୍ତବରେ ଜଗତ୍‌ସିଂହପୁର ଜିଲା ମହୋତ୍ସବ ଦେଖିଲା ପରେ ଏହା ଅନୁଭୂତ ହେଉଛି। ମଙ୍ଗଳବାର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ଜଗତ୍‌ସିଂହପୁର ଜିଲା ମହୋତ୍ସବ କଲ୍ଲୋଳର ତୃତୀୟ ସନ୍ଧ୍ୟାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପାରାଦୀପସ୍ଥିତ ଇଫ୍‌କୋ ସାର କାରଖାନାର ନିର୍ଦ୍ଦେଶକ କେ.ଜେ.ପଟେଲ ଏହା କହିଛନ୍ତି। ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇ ଜଗତ୍‌ସିଂହପୁରକୁ ବୀରତ୍ୱର ମାଟି ବୋଲି ଅଭିହିତ କରିଥିଲେ। ସେ କହିଥିଲେ, ଜଗତ୍‌ସିଂହପୁର ହେଉଛି ସ୍ନେହ, ମମତା ଓ ସଂସ୍କୃତିର ମାଟି। ମା ଶାରଳାଙ୍କ ଆଶୀର୍ବାଦରୁ ଏଠାରେ ଅନେକ ଯୋଗଜନ୍ମା ଜନ୍ମ ନେଇଛନ୍ତି। ଯେତେବେଳେ ଆମେ ଜିଲା ଉତ୍ସବ ପାଳନ କରୁ ସେତେବେଳେ ଯୋଗଜନ୍ମାମାନଙ୍କ କଥା ମନେପକାଇ ନିଜକୁ ଗର୍ବ ଅନୁଭବ କରୁ। ତେଣୁ ମହୋତ୍ସବକୁ ଅଧିକ ଲୋକାଭିମୁଖୀ ପାଇଁ ଉଦ୍ୟମ ହେବା ଉଚିତ। ଏହି ଅବସରରେ ସେ ନିଜର ପ୍ରସ୍ତାବ ଦେବା ଶୈଳୀରେ କହିଥିଲେ ଜିଲାର ଜନସଂଖ୍ୟା ୧୧ ଲକ୍ଷ । ମହୋତ୍ସବରେ ଜିଲାର ସମସ୍ତ କୋଣ ଓ ଅଣୁକୋଣର ଲୋକଙ୍କୁ ସାମିଲ କରିବାକୁ ହେଲେ ବ୍ୟାପକ ପ୍ରଚାର ଓ ପ୍ରସାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ କରିଥିଲେ।ଅନ୍ୟତମ ସମ୍ମାନିତ ଅତିଥି ଭାବେ ପାରାଦୀପ ପୌରାଧକ୍ଷ ବସନ୍ତ କୁମାର ବିଶ୍ୱାଳ ଯୋଗଦେଇ ଜଗତ୍‌ସିଂହପୁର ସବୁକ୍ଷେତ୍ରରେ ଏକ ଆଗୁଆ ଜିଲା ବୋଲି କହିଥିଲେ । ପାରାଦୀପରେ ୨୦/୩୦ଟି ଛୋଟ, ବଡ ଶିଳ୍ପ ଅଛି । ଆଉ ୪/୫ଟି ଶିଳ୍ପ ହେବାକୁ ଯାଉଛି। ଜେଏସ୍‌ଡବ୍ଲ୍ୟୁ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଜିଲାର ପର୍ଯ୍ୟଟନର ବ୍ୟାପକ ଉନ୍ନତି ହେବ। ତେଣୁ ଜିଲା ବିକାଶରେ ପ୍ରତ୍ୟେକଙ୍କ ସହଯୋଗ ରହିବା ଦରକାର। ହେଲେ ପୁସ୍ତକ ପ୍ରତି ଆକର୍ଷଣ କମୁଥିବାରୁ ଦୁଃଖପ୍ରକାଶ କରିଥିଲେ। ଜିଲା ପ୍ରତି ମା ସାରଳାଙ୍କ ଦାନ, ସ୍ୱାଧୀନତାରେ ଓଡ଼ିଶା ଓ ଜଗତ୍‌ସିଂହପୁରର ଅବଦାନ କ'ଣ ଆମ ପିଲାମାନେ ଜାଣିବା ଦରକାର। ଏନେଇ ପ୍ରତ୍ୟେକ ଖଣ୍ଡେ ଲେଖାଏଁ ବହି କିଣି ପିଲାଙ୍କୁ ପଢିବାକୁ ଦିଅନ୍ତୁ ବୋଲି ବିଶ୍ୱାଳ କହିଥିଲେ । ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପୁରୀ ଅଭିବୃତ୍ତି କ୍ରିଏସନ୍ ପକ୍ଷରୁ ଗୋଟିପୁଅ ନାଚ, ଆନ୍ଧ୍ରପ୍ରଦେଶର ଲମ୍ବାଡ଼ି ନୃତ୍ୟ ଦେଖିବାକୁ ମିଳିଥିଲା। ମ୍ୟୁଜିକାଲ ନାଇଟ୍‌ରେ ଲୋକପ୍ରିୟ ପ୍ରଚ୍ଛଦ ପଟ ଓଡ଼ିଆ ଗାୟିକା ଜ୍ୟୋତିର୍ମୟୀ ନାୟକ ଓ ଗାୟକ ସତ୍ୟଜୀତ ପ୍ରଧାନଙ୍କ ଗୀତ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ଓଲିଉଡ୍ ଷ୍ଟାର ସବ୍ୟସାଚୀ ଓ ଅର୍ଚ୍ଚିତା ମହୋତ୍ସବର ମୁଖ୍ୟ ଆକର୍ଷଣ ଥିଲେ।

### ପ୍ରଥମ ଦିନରେ ୫ ସୋଠରେ ନିର୍ବାଚନ

ରଘୁନାଥପୁର,୧୭।୧(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ କୂଳସାହିସ୍ଥିତ ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ ତାରପୁର ୨୨ନଂ. ପାଣି ପଞ୍ଚାୟତ ୨୮ ସୋଠର ଚକ ଓ ନିର୍ବାହୀ କମିଟି ପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ମଙ୍ଗଳବାର ୫ ସୋଠ ପାଇଁ ନିର୍ବାଚନ ହୋଇଥିଲା। ଏସବୁରେ ଜଣେ ଲେଖାଏ ବ୍ୟକ୍ତି ନାମାଙ୍କନପତ୍ର ଦାଖଲ କରଥିଲେ। ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ସେମାନେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ପର୍ଯ୍ୟାୟକ୍ରମେ ବିଭିନ୍ନ ସୋଠ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ। ଯନ୍ତ୍ରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନ ହେବ। ସମସ୍ତ ସୋଠ ପାଇଁ ନିର୍ବାଚନ ସରିବା ପରେ ସେମାନଙ୍କ ମଧ୍ୟରୁ ପାଣିପଞ୍ଚାୟତର ସଭାପତି, ସମ୍ପାଦକ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଚୟନ କରାଯିବ। ଏସମ୍ପର୍କରେ ନିର୍ବାଚିତ ସଦସ୍ୟଙ୍କୁ ଅବଗତ କରାଯିବ ବୋଲି ଯନ୍ତ୍ରୀ ବେହେରା ପ୍ରକାଶ କରିଛନ୍ତି। ଯଦି କୌଣସି ସୋଠ ପାଇଁ ଆବଶ୍ୟକ ପ୍ରାର୍ଥୀ ନ ମିଳନ୍ତି କିମ୍ବା ନିର୍ବାଚନ ହୋଇ ନ ପାରିଲେ ପରବର୍ତ୍ତୀ ସମୟରେ ନିୟମାନୁଯାୟୀ ପଦକ୍ଷେପ ନିଆଯିବ ବୋଲି ଯନ୍ତ୍ରୀ ବେହେରା କହିଛନ୍ତି।

## କମିଟି ନିଷ୍ପତ୍ତିକୁ କର୍ତ୍ତୃପକ୍ଷଙ୍କ ଅବମାନନା ଅଭିଯୋଗ

### ସ୍କୁଲ ସମ୍ମୁଖରେ ପୁରାତନ ଛାତ୍ରଙ୍କ ଧାରଣାର ୨ୟ ଦିନ

ଏରସମା,୧୭।୧(ସ୍ୱ.ପ୍ର.)

ଏରସମା ବ୍ଲକ ଅନ୍ତର୍ଗତ ଜପା ପଞ୍ଚାୟତସ୍ଥିତ କାଳିଆବୁଦା ଗାଦିବ୍ରହ୍ମ ବିଦ୍ୟାପୀଠର ଆଲୁମିନା କମିଟି ବିରୋଧରେ ପୁରାତନ ଛାତ୍ର ସଂସଦ ପକ୍ଷରୁ ଆରମ୍ଭ ହୋଇଥିବା ଧାରଣା ୨ୟ ଦିନରେ ପହଞ୍ଚିଛି। ମଙ୍ଗଳବାର ସେମାନେ ବିଡିଓଙ୍କ ନିକଟରେ ଅଭିଯୋଗ କରି ଦର୍ଶାଇଛନ୍ତି, ୭ ଜଣିଆ କମିଟିର ନିଷ୍ପତ୍ତିକୁ ସ୍କୁଲ କର୍ତ୍ତୃପକ୍ଷ ଅବମାନନା କରିଛନ୍ତି। ଅଭିଯୋଗ ଅନୁସାରେ, ସ୍କୁଲ ରୂପାନ୍ତରୀକରଣ ପାଇଁ ଆସିଥିବା ଅର୍ଥର ସୁବିନିଯୋଗ ପାଇଁ ସ୍କୁଲ ପ୍ରଧାନ ଶିକ୍ଷକ ଓ ସ୍ଥାନୀୟ ଲୋକ ପ୍ରତିନିଧିଙ୍କ ସହ ପୁରାତନ ଛାତ୍ରଙ୍କୁ ନେଇ ଏକ ୭ ଜଣିଆ କମିଟି ଗଠନ କରାଯାଇଥିଲା । ଏହି କମିଟିର ନିଷ୍ପତ୍ତି ଅନୁସାରେ କାର୍ଯ୍ୟାଦେଶ ଦେବା ପାଇଁ ସ୍ଥିର ହୋଇଥିଲା । ମାତ୍ର ସ୍ଥାନୀୟ ପ୍ରଶାସନ ଓ ସ୍କୁଲ କର୍ତ୍ତୃପକ୍ଷ ୭ ଜଣିଆ କମିଟିର ନିଷ୍ପତ୍ତିକୁ ଅବମାନନା କରି ପୂର୍ବ ୱାର୍କିଂ ଏଜେନ୍ସିକୁ କାର୍ଯ୍ୟାଦେଶ ଦେଇଛନ୍ତି । ଏନେଇ ବିଭାଗୀୟ ଉଚ୍ଚ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଆନ୍ଦୋଳନକାରୀ ଦାବି କରିଛନ୍ତି । ନଚେତ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲିବ ବୋଲି ତପନ ଗଛାୟତ, ନୃସିଂହ ସାହୁ ପ୍ରମୁଖ ଚେତାବନୀ ଦେଉଛନ୍ତି । ଏ ସମ୍ପର୍କରେ ଏରସମା ବିଡିଓ କୈଳାସ ଚନ୍ଦ୍ର ବେହେରା କହିଛନ୍ତି, ଯେଉଁ ପୁରାତନ ଛାତ୍ର ଆଲୁମନି କମିଟିରେ ରହିବା ପାଇଁ ଚାହୁଁଛନ୍ତି, ସେମାନେ ନିୟମ ଅନୁସାରେ ଆବେଦନ କରି ରହିପାରିବେ। କାର୍ଯ୍ୟାଦେଶ ସମ୍ପର୍କରେ ସେ କହିଥିଲେ, ଯେଉଁ ଦିନ ଏଥିପାଇଁ ନିଷ୍ପତ୍ତି ନିଆଗଲା, ସେଦିନ ସେମାନେ ଅନୁପସ୍ଥିତ ଥିଲେ।

### ଚୋରା ମଦ ଜବତ: ଜଣେ ଗିରଫ

ନାଉଗାଁ,୧୭।୧(ସ୍ୱ.ପ୍ର)

ନାଉଗାଁ ଥାନା ଅନ୍ତର୍ଗତ ତିରୁଣା ଛକ ନିକଟରୁ ମଙ୍ଗଳବାର ପୋଲିସ ଚୋରା ମଦ ଗାଡ଼ି ଜବତ କରିଛି। ଏହି ଅଭିଯୋଗରେ ବାଲିକୁଦା ଥାନା ଅନ୍ତର୍ଗତ ଅଳାବୋଲ ଗ୍ରାମର ବିଷ୍ଣୁ ଚରଣ ବାରିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ତାଙ୍କ ନିକଟରୁ ୪୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏନେଇ ଥାନାରେ ମାମଲା (ନଂ. ୧୧/୨୩) ରୁଜୁ ହୋଇଛି।

## ଏକତ୍ରିତ ହୋଇ କାମ କଲେ ଅଧିକ ସଫଳତା ମିଳିବ

### ସାମୁଦ୍ରିକ ସମବାୟ ସମିତିର ରୌପ୍ୟ ଜୟନ୍ତୀ

ପାରାଦୀପ,୧୭।୧(ସ୍ୱ.ପ୍ର.)



ସମିତିର ରୌପ୍ୟଜୟନ୍ତୀରେ ଯୋଗଦେଇଥିବା ଅତିଥିମାନେ।

ପାରାଦୀପ ନେହେରୁ ବଙ୍ଗଳା ମାଛଧରା ବନ୍ଦର ପରିସରରେ ଥିବା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ବାଣିଜ୍ୟ ବିକାଶ ପ୍ରାଥମିକ ସମବାୟ ସମିତିର ରୌପ୍ୟଜୟନ୍ତୀ ସମାରୋହ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହା ବୁଧବାର ଶେଷ ହେବ। ମୁଖ୍ୟ ଅତିଥିଭାବେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଯୋଗେଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧରେ ବିଧାୟକ ସମ୍ବିତ ରାଉତରାୟ, ପ୍ରଶାନ୍ତ ମୁଦୁଲି, ଏମ୍‌ପି ରାଜଶ୍ରୀ ମଲ୍ଲିକ, ସମବାୟ ସମୂହ ଚିନ୍ମୟ କବି ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସଭାପତି ସୁମନ୍ତ କୁମାର ବିଶ୍ୱାଳ ଏହାକୁ ପରିଚାଳନା କରିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ନାୟକ କହିଥିଲେ, ଏହି ସମିତି ଦୀର୍ଘ ବର୍ଷ ହେଲା ରାଜ୍ୟର ଅଗ୍ରଣୀ ସମିତିଭାବେ ପୁରସ୍କାର ପାଇଆସୁଛି। ଏହା ମାଧମରେ ମତ୍ସ୍ୟଜୀବୀମାନେ ଅନେକ ସରକାରୀ ସୁବିଧା ପାଇପାରୁଛନ୍ତି। ତେବେ ସମିତିର ସମସ୍ତ ସଦସ୍ୟ ଏକତ୍ରିତ ହୋଇ କାମ କଲେ ଅଧିକ ସଫଳତା ମିଳିବ ବୋଲି ସେ କହିଛନ୍ତି।

**କାର୍ଯ୍ୟକ୍ରମ ବର୍ଜନ କଲେ ଓମ୍ପା କର୍ମକର୍ତ୍ତା**

ଏହି କାର୍ଯ୍ୟକ୍ରମକୁ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା)ର କର୍ମକର୍ତ୍ତାମାନେ ବର୍ଜନ କରିଛନ୍ତି। ସେହିପରି ଅନ୍ୟ ୨ ସମବାୟ ସମିତିର କର୍ମକର୍ତ୍ତାଙ୍କୁ ମଧ କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନ ଥିଲା। ଏହି କାର୍ଯ୍ୟକ୍ରମକୁ ନେଇ ୨ ଦିନ ହେଲା ପାରାଦୀପ ମାଛଧରା ବନ୍ଦର ପରିସରରେ ବିବାଦ ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ଓମ୍ପା ସଭାପତି ଶ୍ରୀକାନ୍ତ ପରିଡା କୁହନ୍ତି, ଓମ୍ପା ହେଉଛି ମତ୍ସ୍ୟଜୀବୀମାନଙ୍କର ସବୁଠାରୁ ପୁରୁଣା ଓ ବୃହତ୍ ସଂଘ । ଏହା ଅଧୀନରେ ପ୍ରତ୍ୟକ୍ଷ ଓ ପ୍ରରୋକ୍ଷ ଭାବେ ୫୦ ହଜାର ଲୋକ ଜୀବିକା ନିର୍ବାହ କରୁଛନ୍ତି। ତେଣୁ ମତ୍ସ୍ୟଜୀବୀମାନଙ୍କ ପକ୍ଷରୁ କୌଣସି ସମିତି କିମ୍ବା ଅନ୍ୟ ସଙ୍ଗଠନ କିଛି କାର୍ଯ୍ୟକ୍ରମ କଲେ ସେତେବେଳେ ଓମ୍ପାର କର୍ମକର୍ତ୍ତାଙ୍କୁ ସମ୍ମାନ ଜଣାଇ ନିମନ୍ତ୍ରଣ କରାଯାଏ। କିନ୍ତୁ ସାମୁଦ୍ରିକ ସମିତି ପକ୍ଷରୁ ସେଭଳି ସମ୍ମାନ ଦିଆଯାଇ ନାହିଁ। ଏନେଇ ଆମେ ଉକ୍ତ କାର୍ଯ୍ୟକ୍ରମ ଠାରୁ ଦୂରେଇ ରହିଛୁ। ଏ ସମ୍ପର୍କରେ ସମିତି ସଭାପତି ସୁମନ୍ତ ବିଶ୍ୱାଳ କୁହନ୍ତି ଆମେ ସମସ୍ତଙ୍କୁ ନିମନ୍ତ୍ରଣ କରିଛୁ। କିନ୍ତୁ ସେମାନେ କାହିଁକି ଆସିଲେ ନାହିଁ ସେ ସମ୍ପର୍କରେ ସେ କିଛି କହିପାରିବି ନାହିଁ।

**ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଅଣଦେଖା**

ପାରାଦୀପରେ ଯେଉଁ କାର୍ଯ୍ୟକ୍ରମ ହୁଏ ଏବଂ ବିଜେଡିର ନେତାମାନେ ଆସିଲେ ଅଠରବାଙ୍କିଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ସଭାସ୍ଥଳକୁ ଯାଇଥାନ୍ତି। ମଙ୍ଗଳବାର କାର୍ଯ୍ୟକ୍ରମରେ ମନ୍ତ୍ରୀ, ଦୁଇଜଣ ବିଧାୟକ, ଏମ୍‌ପି ଉକ୍ତ ପ୍ରତିମୂର୍ତ୍ତି ପାଖ ଦେଇ ଯାଇଥିଲେ ମଧ ସେଠାରେ ଅଟକି ନାହାନ୍ତି କି ପୁଷ୍ପମାଲ୍ୟ ଦେଇନାହାନ୍ତି। ଏନେଇ ଚର୍ଚ୍ଚା ଜୋର ଧରିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରମିଳା


@ ଗୌତମ


@ ରୁଦ୍ର


@ ଅଭାସ୍ୱା


@ ସାଗର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଶିକ୍ଷା ମଣିଷ ଜୀବନର ପୂର୍ଣ୍ଣତାର ପରିପ୍ରକାଶ

### ଅଣଖିଆ ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ବିରିଡି,୧୭।୧(ଡି.ଏନ.ଏ)

ଶିକ୍ଷା ମଣିଷ ଜୀବନର ପୂର୍ଣ୍ଣତାର ପରିପ୍ରକାଶ ବୋଲି ସୋମବାର ବିରିଡି ବ୍ଲକ ଅଣଖିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୬ତମ ବାର୍ଷିକ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । ଶିଶୁ ବିଦ୍ୟା ମନ୍ଦିରର ସଭାପତି ଭବତୋଷ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଏମ୍‌ପି ଡା. ରାଜଶ୍ରୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ମୁଖ୍ୟ ବକ୍ତାଭାବେ ଅଧାପକ ବିଶ୍ୱ ରଞ୍ଜନ ଦାଶ, ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଚନ୍ଦ୍ର ଶେଖର ଦାଶ, ବ୍ଲକ ଅଧକ୍ଷା ମମତା ପାତ୍ର, ଦେବୀ ପ୍ରସାଦ ତ୍ରିପାଠୀ, ସରପଞ୍ଚ ତପତୀ ତପସ୍ୱିନୀ ଭୂୟାଁ, ସମିତି ସଭ୍ୟା ମମତା ନାୟକ, ରବୀନ୍ଦ୍ର ରାଉଳ ପ୍ରମୁଖ ଯୋଗଦେଇଥିଲେ । ଅଶୋକ କୁମାର ସିଂହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶୋୟଂ ଶୋଭିତ ସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କୃତ କରାଯାଇଥିଲା।

# ଦୁର୍ଘଟଣା ନେଲାଣି ୨ବର୍ଷରେ ୪୬୮୧ ଜୀବନ

**ନୟାଗଡ଼ ଅଫିସ,୧୭।୧**

■ରାଜ୍ୟରେ ବଢ଼ୁଛି ଦୁର୍ଘଟଣାଜନିତ ମୃତ୍ୟୁ
■ସୁନ୍ଦରଗଡ଼ରେ ସର୍ବାଧିକ, ଦେବଗଡ଼ରେ ସର୍ବନିମ୍ନ

ରାଜ୍ୟରେ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିଚାଲିଛି । ୨ ବର୍ଷରେ ୪ ହଜାର ୬୮୧ ଜୀବନ ଯାଇଛି। ୨୦୨୧ ଓ ୨୦୨୨ ବର୍ଷରେ ସୁନ୍ଦରଗଡ଼ ଜିଲା ଦୁର୍ଘଟଣାଜନିତ ମୃତ୍ୟୁରେ ଶୀର୍ଷରେ ରହିଥିବାବେଳେ ଦେବଗଡ଼ ଜିଲା ସର୍ବନିମ୍ନ ରହିଛି ।

ସୂଚନା ଅନୁଯାୟୀ, ୨୦୨୨ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ସୁନ୍ଦରଗଡ଼ ଜିଲାରେ ୩୪୯ ଜଣଙ୍କର ମୃତ୍ୟୁ ସଡ଼କ ଦୁର୍ଘଟଣାରେ ହୋଇଛି । ସେହିପରି ଗଞ୍ଜାମ ଜିଲାରେ ୩୩୪, କେନ୍ଦୁଝର ୩୦୪, ଖୋର୍ଦ୍ଧା ୨୬୫, କୋରାପୁଟ ୧୭୫, ସମ୍ବଲପୁର ୧୭୪, ଢେଙ୍କାନାଳ ୧୭୧, ଭଦ୍ରକ ୧୫୧, ବଲାଙ୍ଗୀର ୧୪୮, ପୁରୀ ୧୨୨, ଝାରସୁଗୁଡ଼ା ୧୦୫, ନୟାଗଡ଼ ୮୧, ସୋନପୁର ୭୪, ମାଲକାନାଗିରି ୭୧, ଦେଓଗଡ଼ ଜିଲାରେ ୪୫ ଜଣଙ୍କ ଏପରି ମୋଟରେ ୨୫୬୯ଜଣଙ୍କର ମୃତ୍ୟୁ ହୋଇଛି ।

ସେହିପରି ୨୦୨୧ର ଜାନୁୟାରୀରୁ ଅକ୍ଟୋବର ପର୍ଯ୍ୟନ୍ତ ୨୧୧୨ଜଣଙ୍କ ମୃତ୍ୟୁ ହୋଇଛି । ସେଥିମଧ୍ୟରୁ ସୁନ୍ଦରଗଡ଼ ଜିଲାର ୩୧୨ ଜଣଙ୍କ ମୃତ୍ୟୁ ହୋଇ ଜିଲା ପ୍ରଥମ ସ୍ଥାନରେ ରହିଛି । ଗଞ୍ଜାମ ଜିଲାରେ ୨୯୪, କେନ୍ଦୁଝର ୨୭୭, ଖୋର୍ଦ୍ଧା ୨୧୭, କୋରାପୁଟ ୧୫୫, ସମ୍ବଲପୁର ୧୫୨, ଢେଙ୍କାନାଳ ୧୩୦, ବଲାଙ୍ଗୀର ୧୨୦, ଭଦ୍ରକ ୧୦୦, ପୁରୀ ୯୭, ଝାରସୁଗୁଡା ୯୦, ନୟାଗଡ଼ ୭୦, ମାଲକାନଗିରି ୫୮, ସୋନପୁର ୪୪, ଦେବଗଡ ଜିଲାରେ ୪୦ଜଣଙ୍କ ମୃତ୍ୟୁ ହୋଇଛି । ନୟାଗଡ଼ ପରି ଛୋଟିଆ ଜିଲାରେ ୨ ବର୍ଷରେ ୧୫୧ ଜଣଙ୍କର ମୃତ୍ୟୁ ହୋଇଛି । ୨୦୨୧ରେ ୧୮୨ ଟି ଦୁର୍ଘଟଣା ଘଟିଥିବାବେଳେ ୨୦୨୨ରେ ୧୯୫ଟି ଦୁର୍ଘଟଣା ଘଟିଛି । ବେସରକାରୀ ଭାବେ ଦୁର୍ଘଟଣା ସଂଖ୍ୟା ଅଧିକ ରହିଛି । ତେବେ ସବୁ ଦୁର୍ଘଟଣା ସରକାରୀ ରିପୋର୍ଟରେ ସ୍ଥାନ ପାଉ ନ ଥିବା ଜଣାପଡିଛି । କେତେକ ଦୁର୍ଘଟଣା ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହେଉ ନ ଥିବାରୁ ସେହି ତଥ୍ୟ ଉକ୍ତ ରିପୋର୍ଟରେ ସ୍ଥାନ ପାଉନାହିଁ ।

**ହେଲ୍‌ମେଟ୍ ଧରପଗଡ଼ରେ ନୟାଗଡ଼ ଆଗୁଆ:** ହେଲ୍‌ମେଟ୍ ଧରପଗଡ଼ରେ ନୟାଗଡ଼ ଜିଲା ରାଜ୍ୟରେ ୧ ନଂ. ସ୍ଥାନରେ ରହି ରେକର୍ଡ କରିଛି । ନୟାଗଡ଼ ଜିଲାରେ ୧୮୪.୭୨ ପ୍ରତିଶତ ବାଇକ୍ ଚାଳକ ହେଲମେଟ୍ ନ ପିନ୍ଧି ଧରା ପଡିଛନ୍ତି । ୨ୟ ସ୍ଥାନରେ ରହିଛି ସମ୍ବଲପୁର । ସେଠାରେ ୧୬୭.୬୮ ପ୍ରତିଶତ ଲୋକ ହେଲ୍‌ମେଟ୍ ନ ପିନ୍ଧି ଧରା ପଡିଛନ୍ତି । ସେହିଭଳି ନୂଆପଡ଼ାରେ ୧୪୯.୦, ନବରଙ୍ଗପୁରରେ ୧୦୫.୩୫, ଝାରସୁଗୁଡ଼ାରେ ୯୪.୧୫ ଲୋକ ହେଲ୍‌ମେଟ୍ ପିନ୍ଧନ୍ତି ନାହିଁ । ସେହିଭଳି ଭୁବନେଶ୍ୱର-୨ରେ ୨୪.୮୮ ପ୍ରତିଶତ, ମାଲକାନଗିରି ୨୪,୧୪ ପ୍ରତିଶତ, ଭୁବନେଶ୍ୱର-୧ ୨୦.୬୩, ବରଗଡ଼ ୧୯.୯, କୋରାପୁଟରେ ୧୨.୧୮ପ୍ରତିଶତ ସଫଳତା ପାଇଛି ସ୍ଥାନୀୟ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି ।

**ଅଧିକ ରାଜସ୍ୱ ଆଦାୟ:** ନୟାଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ୨୦୨୨ ଆର୍ଥିକ ବର୍ଷରେ ଅଧିକ ରାଜସ୍ୱ ଦେଇଛି । ଏହାର ଟାର୍ଗେଟ ୯ କୋଟି ୬୭ ଲକ୍ଷ ୬୩ ହଜାର ଥିବାବେଳେ ୧୧ କୋଟି ୧୩ ଲକ୍ଷ ୩୪ ହଜାର ୧୬୦ ଟଙ୍କା ରାଜସ୍ୱ ଆଦାୟ କରିଛି । ଏ ନେଇ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ ପରିଡ଼ା କୁହନ୍ତି ୨୦୨୨ ଏପ୍ରିଲରୁ ଡିସେମ୍ବର ପର୍ଯ୍ୟନ୍ତ ୭ ହଜାର ୫୯୬ ଜଣଙ୍କର ଚାଲାଣ କରିଛି । ଏଥିରେ ୧୫୦ ଜଣ ମଦ୍ୟପ ଡ୍ରାଇଭର, ଓଭର ସ୍ପିଡ୍ ପାଇଁ ୧୪୭୧, ଓଭରଲୋଡ୍‌ରେ ୭୯, ମାଲବାହୀ ଗାଡିରେ ପାସେଞ୍ଜର ବୋହିବାରେ ୨୪ଜଣ, ମୋବାଇଲ ଫୋନ ବ୍ୟବହାରକାରି ଚାଳକ୧୮୨, ହେଲ୍‌ମେଟ ନ ପନ୍ଧି ଡ୍ରାଇଭିଂ ପାଇଁ ୫୫୦୩, ସିଟ୍ ବେଲ୍ଟ ନ ପିନ୍ଧି ଗାଡି ଚାଳନା କରିବାରେ ୧୮୭ ଜଣଙ୍କ ଚାଲାଣ କରିଛି । ତେବେ ଚାଲାଣ କରିଥିବା ୭ ହଜାର ୫୯୬ ଜଣ ଚାଳକଙ୍କ ମଧ୍ୟରୁ ଡ୍ରାଇଭର ଲାଇସେନ୍ସ ୧୦୦୩ ଜଣଙ୍କ ରଦ୍ଦ ହୋଇଛି ।

## ସଂକ୍ଷେପରେ

### ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଧାରଣା ନିଷ୍ପତ୍ତି

**ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ଥାନା ଅଧୀନ ବଡ଼ବାଣପୁର ପଞ୍ଚାୟତ କୁମୁଣ୍ଡି ଗ୍ରାମର ବ୍ରଜବନ୍ଧୁ ନାୟକଙ୍କ ଝିଅ ରୁବିନାଙ୍କୁ ତାଙ୍କ ପ୍ରେମିକ ଓ ଅନ୍ୟମାନେ ମିଶି ସୁଚିନ୍ତିତ ଉପାୟରେ ହତ୍ୟା କରିଥିବା ନେଇ ଖଣ୍ଡପଡା ଥାନାରେ ଅଭିଯୋଗ ହୋଇଥିଲା । ସେହି ଅଭିଯୋଗକୁ ଭିତ୍ତି କରି ପୋଲିସ ପ୍ରେମିକ ସର୍ବେଶ୍ୱରଙ୍କ ସମେତ ୮ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ସର୍ବେଶ୍ୱର ଗିରଫ ହୋଇ ଏବେ ଜେଲ୍‌ରେ ଅଛନ୍ତି । ହେଲେ ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଅଦ୍ୟାବଧି ଗିରଫ କରି ପାରିନାହିଁ । ସେମାନଙ୍କୁ ଗିରଫ ଦାବିରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ବୁଧବାର ଖଣ୍ଡପଡ଼ା ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି । ୨୦୨୨ ଅକ୍ଟୋବର ୧୯ରେ ରୁବିନା ନାୟକଙ୍କୁ ହତ୍ୟା କରାଯାଇଥିଲା ।

### ଖଣ୍ଡପଡ଼ାରେ ୧୨୧୭ ବିଦେଶୀ ପକ୍ଷୀ

**ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.):** ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଳିତ ବର୍ଷ ବିଭିନ୍ନ ପ୍ରଜାତିର ପକ୍ଷୀ ଗଣନା ଶେଷ ହୋଇଛି । ଖଣ୍ଡପଡ଼ାସ୍ଥିତ ସୁନାମୁହିଁ କ୍ଷୁଦ୍ର ଜଳସେଚନ ପ୍ରକଳ୍ପକୁ ୨୩୫ଟି ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥିବା ବେଳେ ନିକଟସ୍ଥ ବେଣାଗାଡିଆ ପଞ୍ଚାୟତ ଅଧୀନ ତେନ୍ତୁଳିଆପଲ୍ଲୀ ପାଟକୁ ୧୩୬ଟି, ସିଧାମୂଳା ପଞ୍ଚାୟତର ଅକୁରାବନ୍ଧସରରେ ୨୩୦ ଓ ଭାପୁର ବ୍ଲକ ଅଧୀନ ବୋରଗାଁ ପାଟରେ ସର୍ବାଧିକ ୬୧୬ ବିଦେଶୀ ପକ୍ଷୀ ଆସିଥିବା ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ବନାଞ୍ଚଳ ଅଧିକାରୀ ଶରତ ଚନ୍ଦ୍ର ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନପାଳ ଶ୍ରୀନିବାସ ଦାଶ, ବନମାଳୀ ରାଉତ,ପ୍ରଫୁଲ୍ଲ କୁମାର ନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ୪ଟି ସ୍ଥାନକୁ ଯାଇ ପକ୍ଷୀ ଗଣନା କରିଥିଲେ । ବିଭିନ୍ନ ସ୍ଥାନରେ ପକ୍ଷୀମାନେ ଯେପରି ସୁରକ୍ଷିତ ଅବସ୍ଥାରେ ବିଚରଣ କରିପାରିବେ ସେଥି ନିମନ୍ତେ ବନ ବିଭାଗ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ନେଇ ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ସୂଚନା ଦେଇଛନ୍ତି ।

### ଉଜୁଡୁଛି କଳିଆପଲ୍ଲୀ ଜଙ୍ଗଲ

**ମୂଲ୍ୟବାନ ପିଆଶାଳ ଗଛ କାଟି ନିଆଯାଉଛି**

**ଭାପୁର,୧୭।୧(ଡି.ଏନ୍.ଏ.):** ଭାପୁର ବ୍ଲକ ଅନ୍ତର୍ଗତ ଧାନଚାଙ୍ଗେଡା ପଞ୍ଚାୟତ ଅଧୀନ ଲଳିତ ଟୁବୁରୀ ପାହାଡ଼ରୁ ପିଆଶାଳ ଭଳି ମୂଲ୍ୟବାନ ଗଛ କାଟି ନିଆଯାଉଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ଆଦିବାସୀ ସଂସ୍କୃତି ସମ୍ପନ୍ନ ଉକ୍ତ ଅଞ୍ଚଳର ଜଙ୍ଗଲ ସମ୍ପଦ ବର୍ତ୍ତମାନ ବିପଦ ସୃଷ୍ଟି ହୋଇଛି । ଗତ କିଛିବର୍ଷ ହେବ ବନବିଭାଗ ଉଦାସୀନତାରୁ ଜଙ୍ଗଲ କ୍ଷୟ ହେବାକୁ ବସିଲାଣି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଟୁବୁରୀ ପାହାଡ଼ରେ ମୂଲ୍ୟବାନ ପିଆଶାଳ ଗଛ ଥିବାବେଳେ ଏହାକୁ ଦୁର୍ବୃତ୍ତମାନେ ଦିନ ଦ୍ୱିପ୍ରହରରେ କାଟି ନେଉଛନ୍ତି । ଏ ନେଇ ସ୍ଥାନୀୟ ବାସିନ୍ଦା ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ । ସ୍ଥାନୀୟ ଅଞ୍ଚଳର ମାଫିଆ ଏବଂ ଠିକାଦାର ମିଳିମିଶି ଗଛ କାଟିବା ସହ ଅସ୍ଥାୟୀ ରାସ୍ତା ନିର୍ମାଣ କରୁଥିବା ଅଭିଯୋଗ ହୋଇଛି ।

# ବାଳିକା ଆତ୍ମସୁରକ୍ଷା ତାଲିମ


ଛାତ୍ରୀମାନେ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ଶିକ୍ଷା କରୁଛନ୍ତି ।

**ନୟାଗଡ଼ ଅଫିସ,୧୭।୧**

ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଯୋଜନା କ୍ରମେ ନୋଡ଼ାଲ କେନ୍ଦ୍ର ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ, ଇଟାମାଟିର ସହଯୋଗରେ ଶ୍ରୀ ଲଡୁକେଶ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଗୋଡ଼ିପଡ଼ାଠାରେ ଛାତ୍ରୀମାନଙ୍କ ନିମନ୍ତେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ମଙ୍ଗଳବାର ଉଦଘାଟିତ ହୋଇଛି । ମହାବିଦ୍ୟାଳୟର ଅଧକ୍ଷା ଉଷାରାଣୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଅଧାପିକା ରଶ୍ମିତା ମହାପାତ୍ର ଯୋଗ ଦେଇ ଆତ୍ମସୁରକ୍ଷାର ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମ ସଂଯୋଜକ ସନ୍ତୋଷ କୁମାର ସାହୁ ପ୍ରଶିକ୍ଷଣର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ । ପ୍ରଶିକ୍ଷିକା ଭାବେ ବିଷ୍ଣୁପ୍ରିୟା ମହାପାତ୍ର ଓ କରୀନା ପ୍ରଧାନ ଯୋଗଦେଇ ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ । କ୍ରୀଡ଼ା ଅଧାପକ ଚିତ୍ତରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଲିପାହାଡ଼ ଟିମ୍ ଚାମ୍ପିୟନ

**ଦିବାରାତ୍ର ସର୍କଲ କ୍ରିକେଟ୍ ଟୁର୍ନାମେଣ୍ଟ**

**ଭାପୁର,୧୭।୧(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ବିଜିପୁର ପଞ୍ଚାୟତ ଅଧୀନ ଦୁବପଲ୍ଲୀ ଗ୍ରାମ ଖେଳପଡ଼ିଆରେ ଚାଲିଥିବା ଦ୍ୱିତୀୟ ରତ୍ନାକର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲରେ ବିଜିପୁର ଓ ବାଲିପାହଡ କ୍ରିକେଟ ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା । ବିଜିପୁର ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା । ବିଜିପୁର ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ହରାଇ ୭୦ରନ କରିଥିଲା । ଜବାବ୍‌ରେ ବାଲିପାହଡ ୪.୫ ଓଭରରେ ୨ ଉଇକେଟ ହରାଇ ଆବଶ୍ୟକ ରନ୍ କରି ଚାମ୍ପିୟନ ହୋଇଥିଲା । ଏହି ଖେଳକୁ ପରିଚାଳନା କରିଥିଲେ ଦିଲ୍ଲୀପ କୁମାର ଜେନା ଓ ଆଲୋକ କୁମାର ଜେନା । ମୁଖ୍ୟ ଅତିଥି ଭାବେ ଭାପୁର ବ୍ଲକ ଉପାଧକ୍ଷ ବେଣୁଧର ପ୍ରଧାନ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ରାକମା ପଞ୍ଚାୟତ ସମିତି ସଭ୍ୟ ବାଳଗୋପାଳ ଷଡ଼ଙ୍ଗୀ, ବିଜୟ କୁମାର ପଟ୍ଟନାୟକ ଓ ଶଶୀଭୂଷଣ ରାଉତରାୟ ଉପସ୍ଥିତ ଥିଲେ । ଚାମ୍ପିୟନ ଦଳକୁ ୭ ହଜାର ଟଙ୍କା ସହିତ ଟ୍ରଫି ଓ ବିଜିପୁର ରନର୍ସ ଦଳକୁ ୫ହଜାର ଟଙ୍କା ଓ ରନର୍ସ ଟ୍ରଫି ଅତିଥି ପ୍ରଦାନ କରିଥିଲେ । ଉକ୍ତ ଟୁର୍ନାମେଣ୍ଟକୁ ଦୁବପଲ୍ଲୀ ବ୍ରାହ୍ମଣୀ ଦେବୀ କ୍ଲବର ସଭାପତି ରାଜେଶ କୁମାର ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ । ଟୁର୍ନାମେଣ୍ଟରେ ବାଲିପାହଡ , ଆଡିପଡା, କଇଁଫୁଲିଆ, ଶାଳଝରିଆ, ବିଜିପୁର, ଏଲପଡା, ବୈଦ୍ୟେଶ୍ୱର, ବଘେଇ, ଦୁବପଲ୍ଲୀ ଓ ଗୁଡୁପଡା ଆଦି ୧୬ କ୍ରିକେଟ ଟିମ୍ ଅଂଶ ଗ୍ରହଣ କରିଥିଲେ ।

# ଗରିବ ମେଧାବୃତ୍ତି ଫଳ ପ୍ରକାଶିତ

**ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.)**

**ପ୍ରଥମ ସ୍ଥାନରେ ବିଶ୍ୱରଞ୍ଜନ, ଲକ୍ଷ୍ମୀପ୍ରିୟା**




ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ୍ ପ୍ରାଥମିକ ବିଦ୍ୟାଳୟ (୫ମ ଓ ୩ୟ ଶ୍ରେଣୀ) ଗରିବ ମେଧାବୃତ୍ତି ପରୀକ୍ଷା୨୦୨୨ର ଫଳ ପ୍ରକାଶିତ ହୋଇଛି । ଏଥିରେ ଉଭୟ ଶ୍ରେଣୀର ୭ ଜଣ ଲେଖାଁଏ ମେଧା ଛାତ୍ରୀଛାତ୍ର ଯୋଗ୍ୟ ବିବେଚିତ ହୋଇଥିବା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ଏହି ପ୍ରରିପ୍ରେକ୍ଷୀରେ ୫ମ ଶ୍ରେଣୀ ଗରିବ ମେଧାବୃତ୍ତି ପରୀକ୍ଷାରେ କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀ ଲକ୍ଷ୍ମୀପ୍ରିୟା ସାହୁ ପ୍ରଥମ ହୋଇଥିବା ବେଳେ, ୨ୟ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନରେ ଯଥାକ୍ରମେ ଗୋହିରାପଡା ୟୁଜିଏମ୍‌ଇର ଛାତ୍ରୀ ମନସ୍ୱିନୀ ପଣ୍ଡା, ସାମନ୍ତ ଚନ୍ଦ୍ରଶେଖର ଶିକ୍ଷା କେନ୍ଦ୍ର ଖଣ୍ଡପଡ଼ାର ଅନ୍ୱେଶା ସାହୁ, କଣ୍ଟିଲୋ ବାଳିକା ପିଏସ୍‌ର ରାଣୀ ବେହେରା, ପଥରଗଣ୍ଡ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ସୁଚିତ୍ରା ବେହେରା, ଶିଖରପୁର ନୋଡାଲ ହାଇସ୍କୁଲର ସର୍ବେଶ୍ୱର ଦ୍ୱାରି ଓ ଖଣ୍ଡପଡ଼ା ସାମନ୍ତ ଚନ୍ଦ୍ର ଶେଖର ଶିକ୍ଷାକେନ୍ଦ୍ରର ସୋନାକ୍ଷୀ ପାଢୀ ବିବେଚିତ ହୋଇଛନ୍ତି । ସେହିପରି ୩ୟ ଶ୍ରେଣୀ ଗରିବ ମେଧାବୃତ୍ତିରେ କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ବିଶ୍ୱ ରଞ୍ଜନ ସାହୁ ପ୍ରଥମ ହୋଇଥିବା ବେଳେ ୨ୟ, ୩ୟ, ୪ର୍ଥ, ୫ମ, ୬ଷ୍ଠ ଓ ୭ମ ସ୍ଥାନରେ ଯଥାକ୍ରମେ ଖଳିସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିନାୟକ ବିଶ୍ୱାଳ, ଗୋହିରାପଡା ୟୁଜିଏମ୍‌ଇର ଓମ୍ ସାହୁ, ବାପୁଜୀ ବିଦ୍ୟାପୀଠ ଡୋଳମରାର ଶୁଭମ ପରିଡ଼ା, ବଳରାମପ୍ରସାଦ କେଜିଏମ୍ ହାଇସ୍କୁଲର ପ୍ରତ୍ୟୁଷ ମହାନ୍ତି, କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସତ୍ୟବ୍ରତ ଜେନା ଓ ଇଚ୍ଛାପୁର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀ ଆଦ୍ୟାଶା ରଥ ଯୋଗ୍ୟ ବିବେଚିତ ହୋଇଥିବା ଖଣ୍ଡପଡ଼ା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ବିଭୁ


@ ବିଶ୍ୱଜିତ୍


@ ଶୁଭଶ୍ରୀ


@ ମୁର୍ସିଦ୍


@ କ୍ରିଷ୍ଣା


@ ସତ୍ୟଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୧୯କୋଟିର ପ୍ରକଳ୍ପ ଶିଳାନ୍ୟାସ କଲେ ବିଧାୟକ

**ଶରଣକୁଳ,୧୭।୧(ଡି.ଏନ.ଏ.)**


ଶିଳାନ୍ୟାସ କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ ।

ରାଜ୍ୟ ସରକାର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ରଣପୁର ନିର୍ବାଚନ ମଣ୍ଡଳୀର ଶରଣକୁଳ ନିକଟବର୍ତ୍ତୀ ଧୁଷୁମା ଗ୍ରାମ ପାଖରେ ବହି ଯାଉଥିବା ଦୁଆଣ୍ଟ ନଦୀରେ ଏକ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି । ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିଛନ୍ତି । ଏହି ପ୍ରକଳ୍ପ ପାଇଁ ୧୩ କୋଟି ୮୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ସେଥିରୁ ବନ୍ଧ ନିର୍ମାଣରେ ୨୪ ଲକ୍ଷ ୮୭ ହଜାର ଖର୍ଚ୍ଚ ହେବାକୁ ଥିବାବେଳେ ବାକି ଅର୍ଥ ଜମି ଅଧିଗ୍ରହଣ, କେନାଲ ଓ ପାଇପ୍ ଲାଇନ ନିର୍ମାଣରେ ଖର୍ଚ୍ଚ ହେବ। ଉକ୍ତ ପ୍ରକଳ୍ପ ଦ୍ୱାରା ଧୁଷୁମା, ବଡ଼ଗୋରଡ଼ା, ସାନ ଗୋରଡ଼ା, ପାଟୁଳି ସାହି, ଆଙ୍ଗିସିଙ୍ଗି, ଗୋପୀନାଥ ପ୍ରସାଦ ଓ ବିଲିଗୋରଡ଼ା ଆଦି ଗ୍ରାମର ପ୍ରାୟ ୨ହଜାର ହେକ୍ଟର ଜମିରେ ଜଳସେଚନ ହୋଇ ପାରିବ । କୃଷକମାନେ ବର୍ଷକୁ ୨ ଥର ଫସଲ ଉତ୍ପାଦନ କରି ପାରିବେ ବୋଲି ବିଧାୟକ ପ୍ରକାଶ କରିଥିଲେ। ଏଥିସହ ଶରଣକୁଳ ନିକଟବର୍ତ୍ତୀ କଟରାଝରି ବନ୍ଧର ପୁନରୁଦ୍ଧାର ପାଇଁ ୧କୋଟି ୩୦ ଲକ୍ଷ, ଢ଼ୋଲ ପଥର ବନ୍ଧ ପାଇଁ ୨ କୋଟି ୭୦ ଲକ୍ଷ ଟଙ୍କା, ଗୋଲଗାଁ ବନ୍ଧ ପୁନରୁଦ୍ଧାର ନିମନ୍ତେ ୪୦ ଲକ୍ଷ ଓ ଚଢ଼ୟାପଲ୍ଲୀ ଚଣ୍ଡୀବନ୍ଧ ପୁନରୁଦ୍ଧାର ପାଇଁ ୬୦ ଲକ୍ଷ ଟଙ୍କା କ୍ଷୁଦ୍ର ଜଳସେଚନ ବିଭାଗ ତରଫରୁ ମଞ୍ଜୁର କରାଯାଇଛି।

ଉକ୍ତ କାର୍ଯ୍ୟକ୍ରମରେ ଗୋଡ଼ିପଡ଼ା ଜିଲା ପରିଷଦ ସଭ୍ୟା ସଂଯୁକ୍ତା ପଢ଼ିଆରୀ, ଆଙ୍ଗିସିଙ୍ଗି ସରପଞ୍ଚ ନମିତା ମହାପାତ୍ର, ବଡ଼ଗୋରଡ଼ା ସରପଞ୍ଚ ତ୍ରିଲୋଚନ ଦଳେଇ, କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ କମ୍ପାନୀ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ସମେତ ବହୁ ବୁଦ୍ଧିଜୀବୀ, କୃଷକ,ସାମାଜିକ କର୍ମୀ ଯୋଗ ଦେଇଥିଲେ ।

# ୫ ଶ୍ରେଣୀକୁ ଜଣେ ଶିକ୍ଷକ

**ସାନତାମନାଡୁ ସେବାଶ୍ରମ**

■ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଘର ନାହିଁ
■ଶୌଚାଳୟ ନ ଥିବାରୁ ସମସ୍ୟା

**ନୂଆଗାଁ,୧୭।୧(ଡି.ଏନ.ଏ.)**


ସ୍କୁଲ ବାରଣ୍ଡାରେ ଚାଲିଛି ମଧ୍ୟାହ୍ନ ଭୋଜନ ରୋଷେଇ ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ କାପ୍ତାପଲି ପଞ୍ଚାୟତ ସାନତାମନାଡୁ ସେବାଶ୍ରମ ନାନା ସମସ୍ୟା ମଧ୍ୟରେ ଚାଲିଛି । ଏ ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀମାନଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଅଭିଯୋଗ ହୋଇଛି ।

ସୂଚନା ଅନୁଯାୟୀ, ସାନତାମନାଡୁ ସେବାଶ୍ରମରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ସେମାନଙ୍କ ମଧ୍ୟରୁ ୧୨ ଜଣ ଛାତ୍ରୀ ଓ ୧୪ ଜଣ ଛାତ୍ରୀ ଅଚନ୍ତି । ସେମାନଙ୍କୁ ପାଠ ପଢାଇବା ପାଇଁ ସରକାରଙ୍କ ନିୟମ ଅନୁସାରେ ୨ ଜଣ ଶିକ୍ଷକ ନିଯୁକ୍ତି ହେବା କଥା । ହେଲେ ଜଣେ ଶିକ୍ଷକ ଅଛନ୍ତି। ସେ ପ୍ରଧାନଶିକ୍ଷକଙ୍କ କାମ କରିବା ସହ ୫ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି । ସମ୍ପୃକ୍ତ ଶିକ୍ଷକ ଯଦି କୌଣସି ତାଲିମ କାର୍ଯ୍ୟକ୍ରମ କିମ୍ବା ଅଫିସ କାମରେ ଅନ୍ୟତ୍ର ଯାଉଛନ୍ତି ପିଲାମାନଙ୍କ ପାଠ ପଢା ବନ୍ଦ ରହୁଛି । ସରକାର ସ୍ୱଚ୍ଛ ଭାରତର ଆହ୍ୱାନ ଦେଇଛନ୍ତି । ଏଥିସହ ଛାତ୍ରୀଛାତ୍ରମାନେ ନିରୋଗ ରହିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଶୌଚାଳୟର ସଚେତନତା ବାର୍ତ୍ତା ସ୍କୁଲ ବାରଣ୍ଡାରେ ଚିତ୍ରିତ ହୋଇଛି । ହେଲେ ଏହି ସେବାଶ୍ରମରେ ପାଇଖାନାଟିଏ ନାହିଁ। ପ୍ରତି ଘରେ ଓ ସ୍କୁଲରେ ପାଇଖାନା ନିର୍ମାଣ କରାଯାଉଥିଲେ ମଧ୍ୟ ସାନତାମନାଡୁ ସ୍କୁଲରେ ପାଇଖାନା ନିର୍ମାଣ କରାଯାଇନାହିଁ। ଫଳରେ ଛାତ୍ରୀଛାତ୍ରମାନେ ବାହାରକୁ ମଳତ୍ୟାଗ କରିବାକୁ ଯିବାକୁ ବାଧ୍ୟ ହେଉଛନ୍ତି।

ସେହିପରି ମଧ୍ୟାହ୍ନ ଭୋଜନ ତିଆରି ପାଇଁ ଏକ ରୋଷେଇ ଘରର ଆବଶ୍ୟକତା ରହିଛି । ଏବେ ସ୍କୁଲ ବାରଣ୍ଡାରେ ରୋଷେଇ କରାଯାଉଛି । ଏଥିପାଇଁ ଉକ୍ତ ସ୍କୁଲକୁ ଚିତ୍ର ବିଚିତ୍ର କରାଯାଇଥିଲେ ମଧ୍ୟ ମଧ୍ୟାହ୍ନ ଭୋଜନ ରୋଷେଇ ଧୂଆଁରେ ତାହା କଳା ପଡି ନଷ୍ଟ ହେବାକୁ ବସିଛି । ଆବଶ୍ୟକ ଶିକ୍ଷକଙ୍କ ଅଭାବ ଯୋଗୁ ଆମକୁ ହଇରାଣ ହେବାକୁ ପଡୁଛି ବୋଲି କହିଛନ୍ତି ସେବାଶ୍ରମର ଶିକ୍ଷକ ଗଜେନ୍ଦ୍ର ନାଥ ଡାକୁଆ । ତେବେ ଉପରୋକ୍ତ ସମସ୍ୟା ବାବଦରେ ନୂଆଗାଁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ମଳୟ ରଞ୍ଜନ ଚିନରାଙ୍କୁ ପଚାରିବାରେ ରୋଷେଇ ଘର, ପାଇଖାନା ଓ ସ୍କୁଲ ପାଚେରୀ ନିର୍ମାଣ ପାଇଁ ୬ ମାସ ହେଲା ଅନୁଦାନ ଆସିଛି । କାର୍ଯ୍ୟାଦେଶ ମଧ୍ୟ ମିଳି ସାରିଛି । କିନ୍ତୁ ବ୍ଲକ ପ୍ରଶାସନର ଉନ୍ନୟନ କାର୍ଯ୍ୟରେ ଶିଥିଳତା ଯୋଗୁ ସେଥିରେ ବିଳମ୍ବ ଘଟିଛି । ଖୁବ୍‌ଶୀଘ୍ର ଉପରୋକ୍ତ କାମ ଆରମ୍ଭ କରିବାକୁ ଆମେ ଗୁରୁତ୍ୱ ଦେବୁ ବୋଲି ସେ କହିଛନ୍ତି।

